## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୯।୨୦୨୪

| ୪,୬୧,୨୫୮ ଟଙ୍କା | |
|---|---|
| ସୁନା | ୮.୯୮୦ ଗ୍ରାମ୍ |
| ରୁପା | ୧୫୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଆନ୍ଦୋଳନରତ ନର୍ସିଂ କର୍ମଚାରୀଙ୍କୁ ଭେଟିଲେ ଶୁଭାଶିଷ

ପୁରୀ,୨୮।୯(ଅଜିତ କୁମାର ମହାନ୍ତି)

୧୦ ଦଫା ସମ୍ବଳିତ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ନର୍ସିଂ କର୍ମଚାରୀଙ୍କୁ ଶନିବାର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଭେଟି ଆଲୋଚନା କରିଛନ୍ତି। ଶୁଭାଶିଷ କହିଛନ୍ତି, ନର୍ସିଂ କର୍ମଚାରୀମାନେ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ସଦୃଶ। ତେଣୁ ସରକାର ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ କରିବା ଉଚିତ। ନର୍ସିଂ ଅଫିସରମାନଙ୍କ ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀସେବା ବ୍ୟାହତ ହୋଇଛି। ରୋଗୀମାନେ ହଇରାଣ ହେଉଥିବାବେଳେ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ଚିକିତ୍ସାଳୟକୁ ଯାଉଥିବା ଦେଖିବାକୁ ମିଳୁଛି। ତେଣୁ ରାଜ୍ୟ ସରକାର ତୁରନ୍ତ ନର୍ସିଂ କର୍ମଚାରୀଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ଶୁଭାଶିଷ ମତବ୍ୟକ୍ତ କରିଛନ୍ତି।

### ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ ନିରାପଦ ଗର୍ଭପାତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଙ୍କ ପରାମର୍ଶରେ ଓ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭଧାରଣର ୨୪ ସପ୍ତାହ ମଧ୍ୟରେ କେବଳ ଗର୍ଭପାତ କରିବା ନିରାପଦ ବୋଲି ସେ କହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ବାସୁଦେବ ମହାପାତ୍ର ସଂଶୋଧିତ ଏମ୍‌ଟିପି ଅଧିନିୟମ ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଶୁଭେନ୍ଦୁ ବିକାଶ ପଟ୍ଟନାୟକ ସରକାରୀ ଡାକ୍ତରଖାନାରେ ନିରାପଦରେ ଗର୍ଭପାତ କରିବା ସହିତ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।







ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଆୟୋଜିତ ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଏବଂ ମେଘ ମହ୍ଲାର ସମ୍ମାନ–୨୦୨୪ ସମାରୋହରେ କଳାକାରମାନେ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଜାତୀୟ ବର୍ଷା ନୃତ୍ୟ, ସଙ୍ଗୀତ ମହୋତ୍ସବ

ପୁରୀ ୨୮।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଏବଂ ମେଘ ମହ୍ଲାର ସମ୍ମାନ – ୨୦୨୪ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ ଓ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ନିମନ୍ତେ ଯୁବପିଢ଼ିର କଳାକାରଙ୍କୁ ଜାତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଓଡ଼ିଶାର ସଂସ୍କୃତି ଓ କଳାର ପ୍ରଚାରପ୍ରସାର ନିମନ୍ତେ ଏହା ଏକ ମାଧ୍ୟମ। ଏହି କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ସମାପିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ରୂପେ ଶିକ୍ଷା ଓ ଅନୁସନ୍ଧାନ ଅନୁଷ୍ଠାନର ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଅଶୋକ ମହାପାତ୍ର, ସମ୍ମାନିତ ଅତିଥି ରୂପେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ କଳାକାରମାନେ ଅଂଶଗ୍ରହଣ କରିବା ସହ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଗୁରୁ ବିଶ୍ୱଜିତ୍ ଦାସ, ଗୁରୁ କୃଷ୍ଣ କୁମାର ଦାସ, ଗୁରୁ ରୋଜାଲିନ ମହାନ୍ତି, ଗୁରୁ ବିବେକ ମହାନ୍ତି, ଗୁରୁ ରାଜେଶ ସାହୁ, ଗୁରୁ ରିଶିତା ପାତ୍ର ଏବଂ ଗୁରୁ ନାରାୟଣ ପାଣ୍ଡେଙ୍କ ଶିଷ୍ୟମାନଙ୍କୁ ଅନୁଷ୍ଠାନ

#### ମେଘ ମହ୍ଲାର ସମ୍ମାନ

ପକ୍ଷରୁ ଟ୍ରଫି, ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ମେଘ ମହ୍ଲାର ସମ୍ମାନ – ୨୦୨୪ରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟର ଅଧିବେଶନ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ରୂପେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ରୂପେ ଉତ୍ସ ଫାଉଣ୍ଡେଶନ ସାଧାରଣ ସମ୍ପାଦକ ରତନ ବାରିକ୍, ମୁଖ୍ୟବକ୍ତା ରୂପେ ଜଗନ୍ନାଥ ମନ୍ଦିରର ବରିଷ୍ଠ ସେବାୟତ ଭଗବାନ ସୁଆର ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ ଡ୍ୟାନ୍ସ ଏକାଡେମୀର ବରିଷ୍ଠ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଦୁର୍ଗାବନ୍ଦନା, ଗୀତଗୋବିନ୍ଦ, ପଲ୍ଲବୀ ଆଦି ପରିବେଷଣ କରାଯାଇଥିଲା। ଅତିଥି କଳାକାର ରୂପେ ନାଚଘରର ଶିଳ୍ପୀମାନେ ଜଗନ୍ନାଥାଷ୍ଟକମ୍ ଏବଂ ନୃତ୍ୟାନିପୁଣାର ଶିଳ୍ପୀମାନେ ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଉତ୍ସ ଫାଉଣ୍ଡେଶନ ମୁଖ୍ୟ ପରିଚାଳକ ପ୍ରଫେସର ଡ. କୁର୍ଟ ବର୍କାଙ୍କୁ ପୁରୀ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ନାରାୟଣ ପାଣ୍ଡେ ଏବଂ ସସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅସ୍ମିତା, ରଶ୍ମିତା, ଅର୍ଚ୍ଚନା, ସୁରେଖା, ମୋନାଲିସା, ଅର୍ପିତା, ଅପର୍ଣ୍ଣା, ଅଙ୍କିତା, ସୀମା, ସାବିତ୍ରୀ, ପ୍ରଜ୍ଞା, ଶୁଭଶ୍ରୀ, ସ୍ମୃତି ଆଦି ଶିଳ୍ପୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀ ରେଳଷ୍ଟେଶନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ




ପୁରୀ,୨୮।୯(ଅଜିତ କୁମାର ମହାନ୍ତି)

ପୂର୍ବତଟ ରେଳପଥ ପକ୍ଷରୁ ପୁରୀ ରେଳ ଷ୍ଟେଶନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅବସରରେ ଶନିବାର ଶ୍ରମଦାନ କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମରେ ରେଳୱେ ଅଧିକାରୀଙ୍କ ଦ୍ୱାରା ଶ୍ରମଦାନ, ଦୁଇଟି ନୁକ୍କଡ଼ ନାଟକ ପରିବେଷଣ, ପରିବହନ କ୍ଷେତ୍ରରେ ସ୍ୱଚ୍ଛତା ଶୋଭାଯାତ୍ରା, ପ୍ଲାଟଫର୍ମ ଏବଂ ଯାତ୍ରୀଙ୍କୁ ପରିବେଶ ଅନୁକୂଳ କ୍ୟାରି ବ୍ୟାଗ୍ ବଣ୍ଟନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତଟ ରେଳପଥର ଏଜିଏମ୍ ଏମ୍.କେ.ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଳୱେର ବରିଷ୍ଠ ଅଧିକାରୀ, ସ୍କାଉଟ୍ ଆଣ୍ଡ ଗାଇଡ୍, ଆର୍‌ପିଏଫ୍ କର୍ମଚାରୀ ଏବଂ ପୁରୀର ବିଭିନ୍ନ ରୋଟାରି କ୍ଲବ୍‌ର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତଟ ରେଳପଥର ଡେପୁଟି ସିଏମ୍ଇ (କୋଚିଂ ଏବଂ ଇଏନ୍‌ଏଚ୍‌ଏମ୍) ଦିନେଶ କୁମାର ସଂଯୋଜନା କରିଥିଲେ।

# ନିୟମିତ ଋଣ ପରିଶୋଧ ଉପରେ ଗୁରୁତ୍ୱ



ଅତିଥିମାନେ ବ୍ୟାଙ୍କର ବାର୍ଷିକ ବିବରଣୀ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି ।

ପୁରୀ,୨୮।୯(ଅଜିତ କୁମାର ମହାନ୍ତି)

ପୁରୀ ଅର୍ବାନ କୋ–ଅପରେଟିଭ ବ୍ୟାଙ୍କ ଲିମିଟେଡ୍‌ର ୭୯ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ସଭାପତି ଗୁଣଧର ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୁରୀ ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ୧୯୪୫ ମସିହାରେ ପ୍ରତିଷ୍ଠା ହୋଇ ମାତ୍ର ୩ହଜାର ଟଙ୍କା ମୂଳଧନରେ ୪୦ ଜଣ ସଭ୍ୟଙ୍କୁ ନେଇ କାର୍ଯ୍ୟାରମ୍ଭ କରିଥିଲା। ବହୁ ସଂଘର୍ଷ ମଧ୍ୟରେ ଏହି ବ୍ୟାଙ୍କ ରାଜ୍ୟରେ ଏକ ଅଗ୍ରଣୀ ସହରୀ ସମବାୟ ବ୍ୟାଙ୍କ ଭାବେ ପ୍ରତିଷ୍ଠା ଲାଭ କରିଛି। ଆର୍ଥିକ ବର୍ଷ ୨୦୧୦– ୨୦୧୧ ଠାରୁ କ୍ରମାଗତ ଭାବେ

#### ପୁରୀ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍‌ର ୭୯ତମ ବାର୍ଷିକ ସାଧାରଣ ସଭା

ଲାଭ କରିଆସୁଛି। ଆର୍ଥିକ ବର୍ଷ ୨୦୨୩– ୨୦୨୪ ଶେଷ ସୁଦ୍ଧା ବ୍ୟାଙ୍କ ସ୍ଥିତି ଭଲ ରହିଛି। କେତେଜଣ ଋଣୀ ସଭ୍ୟ ବ୍ୟାଙ୍କରୁ ଋଣ ନେଇ ନିୟମିତ ପରିଶୋଧ ନ କରିବା ଦ୍ୱାରା ଏନ୍‌ପିଏନ୍ ଋଣ ବୃଦ୍ଧି ହେଉଥିବାରୁ ବ୍ୟାଙ୍କର ପ୍ରଗତି ବାଧାପ୍ରାପ୍ତ ହେଉଛି। ଋଣୀ ସଭ୍ୟମାନଙ୍କୁ ନିୟମିତ ଋଣ ପରିଶୋଧ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ନିୟମିତ ଋଣ ଦାଖଲକାରୀ ବିଶ୍ୱନାଥ ଦାସ ମହାପାତ୍ର ଏବଂ ଶ୍ରେଷ୍ଠ ଜମାକାରୀ ସନାତନ ଦାସ ଓ ରାମ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବ୍ୟାଙ୍କ ଉପସଭାନେତ୍ରୀ ମମତାରାଣୀ ସାହୁ, ପରିଚାଳନା ପରିଷଦ ସଦସ୍ୟ ଦେବରାଜ ସାହୁ, ବୃନ୍ଦାବନ ବେହେରା, ସତ୍ୟରଞ୍ଜନ ମହାନ୍ତି, ରବିନାରାୟଣ ଦାଶ, ସଦସ୍ୟା ଗୀତାଞ୍ଜଳି ପଣ୍ଡା, ଅନିଲ କୁମାର ସାହୁ, ଉମାକାନ୍ତ ନାୟକ, ରେଣୁବାଳା ପଣ୍ଡା, ପ୍ରତାପ ମହାନ୍ତି, ସରସ୍ୱତୀ ସାହୁ, ସରୋଜ କୁମାର ନାୟକ ଏବଂ ରଞ୍ଜନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ପରିଷଦ ସଦସ୍ୟ ଡ. ପ୍ରଧାନ ଧିରେନ୍ଦ୍ର ରାୟ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଉପସଭାନେତ୍ରୀ ମମତାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ହରିହର ମିଶ୍ରଙ୍କ ସ୍ମୃତିସଭା

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ କବି, ସାହିତ୍ୟିକ ନାଟ୍ୟକାର ଓ ଗାଳ୍ପିକ ହରିହର ମିଶ୍ରଙ୍କ ସ୍ମୃତିରେ ଏକ ଶୋକସଭା ଶନିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ନାଟ୍ୟ ସଂସ୍ଥା ଥିଏଟର ଡିଜାଇନର୍ଜ ଏହି ଶୋକସଭାର ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ ମିଶ୍ର, ଶିବ ସୁନ୍ଦର ମିଶ୍ର, ଦୟାନିଧି ତ୍ରିପାଠୀ, ବିକ୍ରମ ସାହୁ, ଗଣେଶ୍ୱର ମହାପାତ୍ର, ରାମକୃଷ୍ଣ ମହାପାତ୍ର କାଲୁ ଦାଶ, ଉମା ସାହା, ଦିଲୀପ ଦାଶ, ଭରତ ନାୟକ, ଉମା ସାହା, ମଧୁସୂଦନ ପୂଜାପଣ୍ଡା, ଲକ୍ଷ୍ମୀଧର ପୂଜାପଣ୍ଡା, ଆକାଶ ପରିଡ଼ା, ପ୍ରଦୀପ୍ତ ରାୟ, ଯୋଗେଶ୍ୱ ଗ୍ରହରାଜ, ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଅଭିନେତା ରବି ନାରାୟଣ ତ୍ରିପାଠୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଦେହାନ୍ତରେ ସାହିତ୍ୟ ଓ ନାଟକ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ। ସଭାରେ ପୁରୀ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# 'ଲୋକପ୍ରିୟ ନେତା ଥିଲେ ସୀତାରାମ ୟେଚୁରୀ'



ପୁରୀ,୨୮।୯(ଅଜିତ୍ କୁମାର ମହନ୍ତେ)

ସିପିଆଇ (ଏମ୍)ର ସର୍ବଭାରତୀୟ ମହାସଚିବ, ପୂର୍ବତନ ସାଂସଦ ସୀତାରାମ ୟେଚୁରୀଙ୍କ ସ୍ମୃତିରେ ପୁରୀ ଜିଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଜଗନ୍ନାଥ ଦେଓ ସଭାପତିତ୍ୱ କରିଥିଲେ। ସିପିଏମ୍‌ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଶରତ କୁମାର ରାୟଗୁରୁ, ଜନ୍ମେଶ୍ୱର ସାମନ୍ତରାୟ, କଂଗ୍ରେସ ନେତା ରାଜେଶ ମିଶ୍ର, ସିପିଆଇ ନେତା ପ୍ରଦୀପ୍ତ ମହାନ୍ତି, ସିପିଆଇଏମଏଲ୍ ନେତା କିଶନ୍ ପଟ୍ଟନାୟକ, ମୋହନ ନାଇଡୁ, ଅଧ୍ୟାପକ ସୁରେନ୍ଦ୍ର ଜେନା, ବିହାରୀ ପଲାଇ, ଶିବ ମହାନ୍ତି, ବୀରେନ୍ଦ୍ର ଭୂଷଣ ହୋତା, ବ୍ରଜବନ୍ଧୁ ପ୍ରଧାନ, ଶ୍ରୀକାନ୍ତ ପରିଜା, ସୁକାନ୍ତ ପ୍ରଧାନ, ଫାଲଗୁନୀ ଜାଲି, ସୁରେନ୍ଦ୍ର ତପସ୍ୱୀ, ଭଗବାନ ନାୟକ, ଏସ୍‌ଏଫ୍‌ଆଇ ନେତା ଚନ୍ଦନ ସାହୁ, ବିମଳ ମାନସିଂହ, ସୁବୋଧ ସୁଦ୍ଧି, ହାରାମଣି ମହାପାତ୍ର, ସୁନିଲ ମହାରଣା, ସୂର୍ଯ୍ୟ ରଥ ପ୍ରମୁଖ ଯୋଗଦେଇଥିଲେ। ଜଣେ ଲୋକପ୍ରିୟ ନେତା ଭାବେ ୟେଚୁରୀ ପରିଚିତ ଥିଲେ। ତାଙ୍କ ବିୟୋଗ ବାମ ଗଣତାନ୍ତ୍ରିକ ଧର୍ମ ନିରପେକ୍ଷ ଆନ୍ଦୋଳନକୁ ଏକ ଶକ୍ତ ଧକ୍କା। ସମ୍ବିଧାନ ଓ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଆସନ୍ତା ଦିନରେ ଭାଜପାକୁ ପରାସ୍ତ କରିପାରିଲେ ୟେଚୁରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଥିଲେ। ଶେଷରେ ଭୀମସେନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଭାଗୀରଥି ବେହେରା, ଉମାକାନ୍ତ ଜେନା, ଅନିଲ ସୁବୁଦ୍ଧି, ମନୋରଞ୍ଜନ ମହାରଣା, ଚୁନା ନାୟକ ଗୋବିନ୍ଦ ନାୟକ, ରାକ୍ଷୀ ସ୍ୱାଇଁ, ମାନସ ଦଳବେହେରା, ପବିତ୍ର ମୋହନ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ସଂସ୍କୃତିରେ ପାରିବେଶିକ ସୌନ୍ଦର୍ଯ୍ୟ ଶୀର୍ଷକ ପାଠଚକ୍ର

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗ ଦ୍ୱାରା ଆୟୋଜିତ 'ଭାରତୀୟ ସଂସ୍କୃତିରେ ପାରିବେଶିକ ସୌନ୍ଦର୍ଯ୍ୟ ଶୀର୍ଷକ ଦୁଇଦିନିଆ ଜାତୀୟ ପାଠଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କୋଲକାତାର ପ୍ରଫେସର ଡ. ମଧୁମିତା ଚାନ୍ଦ ଯୋଗଦେଇ ମହେଶ୍ୱତା ଦେବୀଙ୍କ ସାହିତ୍ୟରେ ପାରିବେଶିକ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗର ଅଧ୍ୟାପିକା ଅଧ୍ୟାପକମାନଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ପ୍ରବନ୍ଧ ପୁସ୍ତକ 'ପ୍ରକୃତି ଓ ମାନବିକତା'କୁ ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ର ଉନ୍ମୋଚନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ପ୍ରଫେସର ସସ୍ମିତା ପରମାଣିକ ପାଠଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରି ମନୋଜ ଦାସଙ୍କ ସାହିତ୍ୟ ସର୍ଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପକ ଡ. ରବୀନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଶୁଭାଶିଷ ନନ୍ଦ, ଡ. ଦୀପଶିଖା ରାଉତରାୟ, ଡ. ଉପମା ବେହେରା, ଶୁଭଶ୍ରୀ ସାମନ୍ତରାୟ, ସୋମନାଥ ମହାପାତ୍ର, ଶୁଭଶ୍ରୀ ପଟ୍ଟଥାରୀ, ଇପ୍‌ସିତା ମହାପାତ୍ର ଏବଂ ସଂଘମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ଡ. ଉପମା ବେହେରା ଧନ୍ୟବାଦ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ 'ପ୍ରକୃତି ଓ ମାନବିକତା' ନାମକ ଗବେଷଣାତ୍ମକ ପ୍ରବନ୍ଧ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

# ପିଲାଙ୍କ ବୌଦ୍ଧିକ ଜ୍ଞାନ ବିକଶିତ କରେ କୁଇଜ୍ ପ୍ରତିଯୋଗିତା

ପିପିଲି,୨୮।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ପିପିଲି ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ ଜବାହର ବିଦ୍ୟାପୀଠ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକର ୨୩୪ ବିଦ୍ୟାଳୟର ୨୭୯ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏଫ୍‌ସି ବିଚିତ୍ରାନନ୍ଦ ଜେନା, ପୁରୀର ଡିଆଇଇଟି ବରିଷ୍ଠ ଶିକ୍ଷକ ରାମକୃଷ୍ଣ ଦାସ, ସମ୍ମାନିତ ଅତିଥି ଭାବେ ଜବାହର ବିଦ୍ୟାପୀଠ ପ୍ରଧାନଶିକ୍ଷକ ପୀତବାସ ସେଠୀ, ପିପିଲି ଏବିଇଓ ସାହେବ ପାତ୍ର, ହାଟସାହି ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, ପ୍ରଧାନଶିକ୍ଷକ ସୁକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୁଇଜ୍ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପିଲାଙ୍କ ବୌଦ୍ଧିକ ଜ୍ଞାନ ବୃଦ୍ଧି ପାଇବାରେ ଏହି ପ୍ରତିଯୋଗିତା ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାର ସିନିୟର ବିଭାଗରେ ଜବାହର ବିଦ୍ୟାପୀଠର ଶୁଭ୍ରଙ୍କିତା ବରାଳ ପ୍ରଥମ, ପିପିଲି ନୋଡାଲ ହାଇସ୍କୁଲର ବିଶ୍ୱରଞ୍ଜନ ମହାପାତ୍ର ଦ୍ୱିତୀୟ ଓ ପୋପୋରଙ୍ଗ ପଞ୍ଚାୟତ ହାଇସ୍କୁଲର ଶୁଭମ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବିଭାଗରେ ମଉଜିବେଗ ପିୟୁପି ସ୍କୁଲର ଐଶ୍ୱର୍ଯ୍ୟ ସାହୁ ପ୍ରଥମ, ବାପୁଜୀ ନୋଡାଲ ୟୁପି ସ୍କୁଲର ଜିତୁ ଜେନା ଦ୍ୱିତୀୟ, ଜଗନ୍ନାଥପୁର ପିୟୁପି ସ୍କୁଲର ସାଇ ଶ୍ରଦ୍ଧା ବରାଳ ତୃତୀୟ ହୋଇଥିଲେ। ସବ୍ ଜୁନିୟର ବିଭାଗରେ ବିନାୟକପୁର ପିୟୁପି ସ୍କୁଲର ମାନ୍ୟତା ମିଶ୍ର ପ୍ରଥମ, ରୂପଦେଇପୁର ପ୍ରାଥମିକ ବିଦ୍ୟାଳୟର ସନ୍ଧ୍ୟାରାଣୀ ସାହୁ ଦ୍ୱିତୀୟ ଓ ବାରିମୂଳ ପିୟୁପି ସ୍କୁଲର ଆଇସା ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ମାଧ୍ୟମରେ ଅତିଥିମାନେ ପୁରସ୍କୃତ କରିଥିଲେ। ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଏବଂ କୁଇଜ୍ ବହି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଜଜ୍ ଭାବରେ ଶିକ୍ଷକ ହେମନ୍ତ ପ୍ରଧାନ, ସାଗର ଚନ୍ଦ୍ର ନାୟକ, ବିକ୍ରମ କୁମାର ରଥ, ରାକ୍ଷୀ ପରିଡ଼ା, ସୁଚରିତା ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି, ବିଇଓ ଅଫିସ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ ।

## ସଂକ୍ଷେପରେ

### ଆହତ ମାଙ୍କଡ଼କୁ ଉଦ୍ଧାରକଲା ବନ ବିଭାଗ

ବାରଙ୍ଗ,୨୮।୯(ଲିଙ୍ଗରାଜ ରାଉତ) ଦାଢ଼ା ପଞ୍ଚାୟତର ବଡ଼ ବାଲିପଡ଼ା ଗ୍ରାମର ପ୍ରକାଶ ପଢ଼ିହାରୀଙ୍କ ଘର ପଛପଟେ ଆହତ ଅବସ୍ଥାରେ ଥିବା ଏକ ମାଙ୍କଡ଼କୁ ବନ ବିଭାଗ ଉଦ୍ଧାର କରିଛି। ମାଙ୍କଡ଼ଟିର ପେଟ ଭିତରୁ କିଛି ଅଂଶ ବାହାରକୁ ବାହାରିଯାଇଥିଲା। ମାଙ୍କଡ଼ଟି ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ କିଛି ବୁଲା କୁକୁର ଆକ୍ରମଣ କରିବାକୁ ଘେରି ଯାଇଥିଲେ। ଏହି ଘଟଣା ଦେଖି ପ୍ରକାଶଙ୍କ ପରିବାର ଲୋକେ ବୁଲା କୁକୁରଙ୍କ କବଳରୁ ମାଙ୍କଡ଼କୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ନଗର ବନଖଣ୍ଡ ମଞ୍ଚେଶ୍ୱର ବନାଞ୍ଚଳର କର୍ମଚାରୀ ପହଞ୍ଚି ମାଙ୍କଡ଼କୁ ଚିକିତ୍ସା ପାଇଁ ନେଇ ଯାଇଥିଲେ।

### ଶ୍ରୀ ଜୟଦେବ କଲେଜରେ ସଫେଇ କାର୍ଯ୍ୟକ୍ରମ

ବାଲିଅନ୍ତା,୨୮।୯(ନୀଳମାଧବ ସାହୁ): ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ସେଠୀ ଶୁଭାରମ୍ଭ କରି ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଦିଗରେ ସ୍ୱେଚ୍ଛାସେବୀ ଆଗେଇ ଆସିବା ଦରକାର ବୋଲି କହିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ର ଯୋଗଦେଇ କଲେଜ ପରିସର ସଫେଇ କରିଥିଲେ।

### କୁଞ୍ଜବିହାରୀ ପଣ୍ଡାଙ୍କ ଜୟନ୍ତୀ

ବାରଙ୍ଗ/ତ୍ରିଶୂଳିଆ,୨୮।୯(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) କୁଞ୍ଜବିହାରୀ ମହାବିଦ୍ୟାଳୟ ପରିସରରେ ଶନିବାର କଲେଜ ପ୍ରତିଷ୍ଠାତା ସ୍ୱର୍ଗତ କୁଞ୍ଜବିହାରୀ ପଣ୍ଡାଙ୍କ ୧୧୪ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସବୁଜ ପରିବେଶ ଭରା ମହାବିଦ୍ୟାଳୟ ପରିସର ବୃକ୍ଷ ଛାୟା ତଳେ ଆୟୋଜିତ ସମାରୋହରେ ମହାବିଦ୍ୟାଳୟ ଅଧକ୍ଷା ଡ. ଲିପିପୁଷ୍ପା ନାୟକ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଓ ଉତ୍ତରୀୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ. ସନ୍ତୋଷ ମିଶ୍ର, ଡ. ସୁରେନ୍ଦ୍ର ସାହୁ, ଡ. ମାନସ ଦାସ ମିଶ୍ର, ପ୍ରକାଶ ପରିଡ଼ା, ସୁକାନ୍ତ ରାଉତ, ସେଲିନା ତରାଇ, ଡ. ପାରମିତା ପତି, ଡ. ପ୍ରବୀର ମହାନ୍ତିଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ପୁଷ୍ପ ଅର୍ପଣ କରିଥିଲେ। ସମସ୍ତଙ୍କ ମଧ୍ୟରେ ମିଷ୍ଟାନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରାଧ୍ୟାପକ ଅନିଲ ପାଢ଼ୀ ପରିଚାଳନା କରିଥିଲେ।

# ସ୍ୱଚ୍ଛତା ପାଠ ପଢ଼ିଲେ ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡର

## ନିୟମ ପାଳିଲେ ପୁରସ୍କୃତ କରିବ ବିଏମ୍‌ସି

### ଆଜି ଖାଓଗଳିରେ ସ୍ୱଚ୍ଛତାକୁ ନେଇ ୱାଲ୍ ପେଣ୍ଟିଂ ପ୍ରତିଯୋଗିତା

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ବିଏମ୍‌ସି ପକ୍ଷରୁ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଅଭିଯାନର ଅଂଶ ସ୍ୱରୂପ ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଷ୍ଟ୍ରିଟ୍‌ଫୁଡ୍ ଭେଣ୍ଡର ବା ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଡ. ମନୋରଞ୍ଜନ ସାହୁ ଅଧ୍ୟକ୍ଷତାକରି ସରକାରଙ୍କ ବିଭିନ୍ନ ନିୟମ ସମ୍ପର୍କରେ ବ୍ୟବସାୟୀଙ୍କୁ ଅବଗତ କରାଇଥିଲେ। ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡରମାନେ ନିଜ ଆଖପାଖ ପରିବେଶକୁ କିପରି ପରିଷ୍କାର ପରିଚ୍ଛନ୍ନ ରଖିବେ, ସେ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରିବା ସହ ଏକକ ବ୍ୟବହାର ପ୍ଲାଷ୍ଟିକ, ଥର୍ମୋକୁଲ୍ ପ୍ଲେଟ୍, ନିଷିଦ୍ଧ ପ୍ଲାଷ୍ଟିକ ଚାମଚ ଆଦି ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୋକାନରୁ ବାହାରୁଥିବା ବର୍ଜ୍ୟଗୁଡ଼ିକୁ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା ଡଷ୍ଟବିନ୍‌ରେ ରଖି ସେଗୁଡ଼ିକୁ କେବଳ ବିଏମ୍‌ସି ଗାଡ଼ିକୁ ଦେବା ସହ ଖାଓଗଳିକୁ ପରିଷ୍କାର ରଖିବା ପାଇଁ କୁହାଯାଇଥିଲା। ଯେଉଁ ଖାଦ୍ୟ ବ୍ୟବସାୟୀମାନେ ନିଜ ଦୋକାନ ସହ ତା'ର ପରିବେଶକୁ ବିଏମ୍‌ସି ନିର୍ଦ୍ଦେଶ ମୁତାବକ ପରିଷ୍କାର ରଖିବେ, ତାଙ୍କୁ ଅକ୍ଟୋବର ୨ରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ସେହିପରି ସାମଗ୍ରିକ ଭାବେ ସ୍ୱଚ୍ଛତା ବଜାୟ ରଖିଥିବା ଯେଉଁ ଖାଓଗଳି କିମ୍ବା ଭେଣ୍ଡିଂ ଜୋନ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ଡ. ସାହୁ ସୂଚନା ଦେଇଥିଲେ। ବିଏମ୍‌ସିର ଖାଦ୍ୟ ନିରାପତ୍ତା ଅଧିକାରୀ ସତ୍ୟଜିତ୍ ପଟେଲ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିୟମ ଓ ଦଣ୍ଡବିଧାନ ସମ୍ପର୍କରେ ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ଅବଗତ କରାଇଥିଲେ। ସେ କହିଲେ, ବାର୍ଷିକ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା ବ୍ୟବସାୟୀ ୧ଶହ ଟଙ୍କା ଦେଇ ବିଏମ୍‌ସିରେ କିମ୍ବା ଅନ୍‌ଲାଇନରେ ନିଜ ନାମ ପଞ୍ଜୀକରଣ କରିପାରିବେ। ସେହିପରି ବାର୍ଷିକ ୧୨ରୁ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ବ୍ୟବସାୟୀ ବାର୍ଷିକ ୨ହଜାର ଟଙ୍କା ଦେଇ ଲାଇସେନ୍ସ ପାଇପାରିବେ।


ତାଲିମ୍ ଶିବିରରେ ଯୋଗଦେଇଥିବା ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡରମାନେ।

ଏଥିସହ ଖାଦ୍ୟ ପରଷିବା ସମୟରେ ସ୍ୱଚ୍ଛତାକୁ ଅନୁପାଳନ କରିବା, ଖାଦ୍ୟରେ ରଙ୍ଗ ନ ମିଶାଇବା, ବାସି ଖାଦ୍ୟ ନ ଦେବା, ପୋଡ଼ାତେଲରେ ଛଣାଛଣି ନ କରିବା ଆଦି ବିଭିନ୍ନ ଦିଗ ଉପରେ ଖାଦ୍ୟ ନିରାପତ୍ତା ଅଧିକାରୀ ସଚେତନ କରିଥିଲେ। ଶିବିରରେ ୧୫ଟି ଖାଓଗଳି ଓ ଭେଣ୍ଡିଂ ଜୋନ୍‌ର ୨ଶହରୁ ଅଧିକ ଖାଦ୍ୟ ବ୍ୟବସାୟୀ ଯୋଗଦେଇଥିଲେ। ରବିବାର ସକାଳେ ରାମମନ୍ଦିର ନିକଟ ଖାଓଗଳିରେ ବିଏମ୍‌ସି ପକ୍ଷରୁ ୱାଲ୍ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କଳା ବିଦ୍ୟାଳୟର ବିଦ୍ୟାର୍ଥୀ ଏବଂ ଇଚ୍ଛୁକ ବ୍ୟକ୍ତି ଭାଗନେଇପାରିବେ ବୋଲି ସୂଚନା ଦିଆଯାଇଛି।

# ଦାଦାବଟି ମାଗିଲେ କାର୍ଯ୍ୟାନୁଷ୍ଠାନ



### ପୂଜା ପାଇଁ କମିଶନରେଟ୍ ପୋଲିସର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୮।୯(ସୂର୍ଯ୍ୟକାନ୍ତ ବେହେରା)

ପାର୍ବଣ ପାଇଁ କମିଶନରେଟ୍ ପୋଲିସର ଏକ ପ୍ରସ୍ତୁତି ବୈଠକ ଶନିବାର ରମାଦେବୀ ବିଶ୍ୱବିଦ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପୂଜା ସମୟରେ ଆଇନଶୃଙ୍ଖଳା ବ୍ୟବସ୍ଥା, ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ପେଣ୍ଡାଲ ନିକଟରେ ପାର୍କିଂ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦିକୁ ଯାଞ୍ଚ ସହ ଭିଡ଼ ନିୟନ୍ତ୍ରଣ କରିବା, ପାଟ୍ରୋଲିଂ କଡ଼ାକଡ଼ି କରିବା, ସାଧାରଣ ପୋଷାକରେ ରହି ସନ୍ଦେହଜନକ କାର୍ଯ୍ୟକଳାପ, ସନ୍ଦିଗ୍ଧ ତଥା ପୁରୁଣା ଦାଗୀ ଓ ଅଭ୍ୟାସଗତ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଦାଦାବଟି ମାଗୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗାଇଡ୍‌ଲାଇନ ଅନୁସାରେ ଭସାଣି ପର୍ବକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପଟେ ଦୁର୍ଗାପୂଜା ସମୟରେ ଲୁଟେରାମାନେ ସକ୍ରିୟ ହୋଇଥାନ୍ତି। ତେଣୁ କ୍ରାଇମ ସେନ୍‌ସିଟିଭ୍ ସ୍ଥାନକୁ ଚିହ୍ନଟକରି ନିୟମିତ ପାଟ୍ରୋଲିଂ କରାଯିବାକୁ ନିଷ୍ପତ୍ତି ହୋଇଛି। ଦୁର୍ଗାପୂଜା ସମୟରେ ଯଦି କୌଣସି ଲୋକେ ଘରୁ ବାହାରକୁ ଯାଉଛନ୍ତି, ତା'ହେଲେ ଡବଲ ତାଲା ପକାଇବା ସହ ପଡ଼ୋଶୀଙ୍କୁ ନଜର ରଖିବାକୁ କହି ଯିବାକୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଅପିଲ କରିଛନ୍ତି। ବୈଠକରେ ଅତିରିକ୍ତ ଡିସିପି ସୁରେଶ ପାତ୍ର, ଅତିରିକ୍ତ ଡିସିପି କୃଷ୍ଣପ୍ରସାଦ ଦାଶ, ଅତିରିକ୍ତ ଡିସିପି ପ୍ରକାଶ କୁମାର ମଲ୍ଲ, ଅତିରିକ୍ତ ଡିସିପି ବାନାମ୍ବର ସେଠୀ ଓ ସମସ୍ତ ଏସିପି, ସମସ୍ତ ଥାନା ଅଧିକାରୀ, ଏସ୍‌ଆଇ ଓ ଏଏସ୍‌ଆଇ ଉପସ୍ଥିତ ଥିଲେ।



ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପଦ୍ମଶ୍ରୀ ଶ୍ୟାମାମଣୀ ପଟ୍ଟନାୟକଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

# ଜଗନ୍ନାଥଙ୍କ ସର୍ବଧର୍ମ ସମନ୍ୱୟକୁ ଜାଣିଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

## ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ

### ୧୦ଜଣଙ୍କୁ ଶ୍ରୀ ପୁରୁଷୋତ୍ତମ ସମ୍ମାନ

ଭୁବନେଶର,୨୮।୯( ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପରିଷଦ ସଭାପତି ତଥା ପୂର୍ବତନ କୋରେଇ ବିଧାୟିକା ସଞ୍ଚିତା ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସାରା ବିଶ୍ୱରେ ପରିଷଦ ପକ୍ଷରୁ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଆମ ଓଡ଼ିଆ ଜାତିର ଗୌରବ ଶ୍ରୀଜଗନ୍ନାଥଙ୍କ ସର୍ବଧର୍ମ ସମନ୍ୱୟ ଭାବକୁ ଜାଣିଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ଏହି ଅବସରରେ ଓଡ଼ିଶାର ୧୦ ଜଣ କୃତୀ ସନ୍ତାନଙ୍କୁ 'ଶ୍ରୀ ପୁରୁଷୋତ୍ତମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଜଗନ୍ନାଥ ସଂସ୍କୃତି ପ୍ରଚାରକ ରାମକୃଷ୍ଣ ଦାସ ମହାପାତ୍ର, ଦୁର୍ଗା ଦାସ, ଡ. ଶରତ ଚନ୍ଦ୍ର ମହାନ୍ତି, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ଶ୍ୟାମାମଣୀ ପଟ୍ଟନାୟକ, ଡ. ନରେଶ ଚନ୍ଦ୍ର ଦାଶ, ସାରଙ୍ଗଧର ରାୟଗୁରୁ, ଶେଖ ମକବୁଲ ଇସଲାମ, ଧୀରେନ୍ଦ୍ର କୁମାର ଓ ତନୁଶ୍ରୀ ଜେନାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପରିଷଦର ମୁଖପତ୍ର, ସଭ୍ୟାସଭ୍ୟଙ୍କ ବିବରଣୀ ପୁସ୍ତିକା ସାରଙ୍ଗଧର ରାୟଗୁରୁଙ୍କ ଦ୍ୱାରା ରଚିତ 'ବାଙ୍କୀର ଇତିହାସ ପୁସ୍ତକ'କୁ ଉନ୍ମୋଚନ କରାଯାଇଥିଲା। ପରିଷଦ ଉପଦେଷ୍ଟା ରବିନାରାୟଣ ମିଶ୍ର, ବାଳକୃଷ୍ଣ ପଣ୍ଡା, ଉପ–ସଭାପତି ପତି ରବିନାରାୟଣ ମହାପାତ୍ର, ପରିଷଦ ଭାରପ୍ରାପ୍ତ ସମ୍ପାଦକ ଅଜୟ ହରିଚନ୍ଦନ, ସମ୍ପାଦକ ବିବରଣୀ ଓ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର, ପ୍ରଭାତ ନନ୍ଦ ଉପସ୍ଥିତ ଥିଲେ। ସନ୍ତୋଷ ଦାଶ ଅତିଥି ପରିଚୟ ଓ ଅନ୍ୟତମ ସଦସ୍ୟ ସନତ ନାୟକ ଧନ୍ୟବାଦ ଦେଇଥିଲେ।

# ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠରେ ସୁରଭି

ବାରଙ୍ଗ,୨୮।୯ (ଲିଙ୍ଗରାଜ ରାଉତ)

ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠ ପରିସରରେ ସୁରଭି ୨୦୨୪–୨୫ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧନାକେନ୍ଦ୍ର ଦାଢ଼ାପାଟଣା ବାରଙ୍ଗ ବ୍ଲକ ପକ୍ଷରୁ ଆୟୋଜିତ ଏହି ସୁରଭିରେ ବ୍ଲକ ଅଧୀନରେ ଥିବା ୧୧ଟି ବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପିଲାଙ୍କ ମଧ୍ୟରେ କୁଇଜ୍, ଡ୍ରଇଁ, ଡିବେଟ, ରଚନା, ଗୀତ ଆଦି ବିଷୟକୁ ନେଇ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାଙ୍କୁ ୨୭ଜଣ ଶିକ୍ଷକ ପରିଚାଳନା କରିଥିଲେ। ସିନିୟର ଓ ଜୁନିୟର ବିଭାଗ ମାଧ୍ୟମରେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ବଛାଯାଇଥିଲା। ପୁରସ୍କାର ବିତରଣ ସଭାରେ ବ୍ଲକ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରା, ସହ ଶିକ୍ଷାଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ରଥ, ସିଆର୍‌ସିସି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଗାଡ଼କଣସ୍ଥିତ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ଅନ୍ତର୍ଗତ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରେଲ୍‌ୱେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମଞ୍ଚେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, ମୁଖ୍ୟବକ୍ତା ଭାବେ ରେଲ୍‌ୱେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ସଭାପତି ରବିନାରାୟଣ ଦାସ, ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମାତୁଲ କରିମ୍ ଯୋଗ ଦେଇଥିଲେ। ଏହି ଅବସରରେ ରଚନା, କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଜୁନିୟର ଓ ସିନିୟର ବର୍ଗରେ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ସୁମନ୍ତ କୁମାର ଲେଙ୍କା କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ଅନିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ସାହିତ୍ୟ ମାସିକୀରେ କଥାଶିଳ୍ପୀ ଡ. ସରୋଜିନୀ ସାହୁ ସମ୍ବର୍ଦ୍ଧିତ



ସାହିତ୍ୟ ମାସିକୀ କାର୍ଯ୍ୟକ୍ରମରେ କଥାଶିଳ୍ପୀ ଡ. ସରୋଜିନୀ ସାହୁ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଥାଶିଳ୍ପୀ ଡ. ସରୋଜିନୀ ସାହୁ ଯୋଗଦେଇ ନିଜ ସୃଜନ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସାହୁ ଚଳିତ ବର୍ଷ ଶାରଳା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଥାଶିଳ୍ପୀ ଗୋଲାପ ମଞ୍ଜରୀ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ସାହୁ 'ମୋ ସୃଜନ, ମୋ ଜୀବନ' ପ୍ରସଙ୍ଗରେ ଆଲୋକପାତ କରି କହିଲେ, 'ପ୍ରଥମେ ମୁଁ ଜଗଦୀଶ ମହାନ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲି। ମୋ ମତରେ ଲେଖକର କୌଣସି ଲିଙ୍ଗ ନାହିଁ। ସେଥିପାଇଁ ମୁଁ ନାରୀବାଦ, ବନ୍ଧ୍ୟାତ୍ୱ, ମାତୃତ୍ୱ ଓ ଗର୍ଭପାତ ଭଳି ପ୍ରସଙ୍ଗକୁ ନିଜ ଲେଖାରେ ସ୍ଥାନ ଦେଇପାରିଛି ବୋଲି ମତ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଲେଖିକାଙ୍କ ରଚିତ ଓ ଟାଇମ୍‌ପାସ୍ ଦ୍ୱାରା ପ୍ରକାଶିତ 'ଅସ୍ଥିର ପାଦ' ପୁସ୍ତକ ଲୋକାର୍ପିତ ହୋଇଥିଲା। ପରେ ଅଭୟ ନାରାୟଣ ନାୟକ ଓ ଜୟଶ୍ରୀ ପଟ୍ଟନାୟକଙ୍କ ଯୁଗ୍ମ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦନଗରରେ ଇକୋ ଫ୍ରେଣ୍ଡ୍‌ଲି ତୋରଣ

### ନିଆରା ଦୁର୍ଗାପୂଜା ଦେଖିବେ ଭକ୍ତ



ଏଥର ତୋରଣର କୌଣସି ନିର୍ଦ୍ଦିଷ୍ଟ ନାମ ନାହିଁ। ସମିତିର ଯୁବ କର୍ମକର୍ତ୍ତାଙ୍କ ପରିକଳ୍ପନାରେ ତୋରଣ କରାଯାଉଛି। ଭକ୍ତମାନେ କିଭଳି ଶାନ୍ତି, ଶୃଙ୍ଖଳାରେ ଆସି ଦର୍ଶନ କରିବେ ସେ ନେଇ ଆଲୋଚନା କରାଯାଇଛି। ପୂଜା ପାଇଁ ବିଭିନ୍ନ ଦୁର୍ଲଭ ସାମଗ୍ରୀ ଯୋଗାଡ଼ କରାଯାଉଛି। ସବୁ ବର୍ଷ ପରି ଏଥର ମଧ୍ୟ ଭକ୍ତମାନେ ଶହୀଦନଗରରେ ନିଆରା ଦୁର୍ଗାପୂଜା ଦେଖିବେ।

–ହେମନ୍ତ କୁମାର ପରିଡ଼ା,ସଭାପତି

### ପୁରୁଷ ଓ ମହିଳାଙ୍କ ପାଇଁ ଅଲଗା ଦର୍ଶନ



ପୂଜାକୁ ଗୁରୁତ୍ୱ ଦେଇ ମା'ଙ୍କ ପୂଜାର୍ଚ୍ଚନା ପାଇଁ ସବୁ ପ୍ରକାରର ଦୁର୍ଲଭ ପୂଜା ସାମଗ୍ରୀକୁ ସମିତି ପକ୍ଷରୁ ଯୋଗାଡ଼ କରାଯାଉଛି। ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଦର୍ଶନ ପାଇଁ ଆବଶ୍ୟକ ସୁବିଧା କରାଯାଇଛି। ପୁରୁଷ ଓ ମହିଳାଙ୍କ ପାଇଁ ଅଲଗା ଦର୍ଶନ ଏବଂ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ହ୍ୱିଲ ଚେୟାରର ମଧ୍ୟ ବ୍ୟବସ୍ଥା କରାଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ବାହାରେ ଏକ ବଡ ଏଲ୍‌ଇଡିରେ ପୂଜାର ସିଧାପ୍ରସାରଣ କରାଯିବ। ସେହିପରି ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ପାଇଁ ସମିତି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବ।

–ସଚ୍ଚି ନନ୍ଦନ ନାୟକ, ସମ୍ପାଦକ




## ୪୭ବର୍ଷରେ ଶହୀଦନଗର ଦୁର୍ଗାପୂଜା ସମିତି

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

୪୭ବର୍ଷରେ ପଦାର୍ପଣ କରିଛି ଶହୀଦନଗର ଦୁର୍ଗାପୂଜା ସମିତି। ଏଥର କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଆକୃତିର ତୋରଣ କରାଯିବ ନାହିଁ। ବିଭିନ୍ନ ମଡେଲକୁ ମିଶାଯାଇ ଏକ ଆକୃତି ପ୍ରଦାନ କରାଯାଉଛି। ଇକୋ ଫ୍ରେଣ୍ଡ୍‌ଲି ସାମଗ୍ରୀରେ ଏଥର ତୋରଣ ପ୍ରସ୍ତୁତ ହେଉଛି। ତୋରଣର ଉଚ୍ଚତା ୧୦୫ ଫୁଟ ରହିଥିବା ବେଳେ ଓସାର ୧୨୦ଫୁଟ ରହିବ। କୋଲକାତାର କୁଶଳୀ କାରିଗରମାନେ ଏହି କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ମୂର୍ତ୍ତିର ଉଚ୍ଚତା ୨୦ଫୁଟ ରହିଛି। ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଉଭୟ ମହିଳା ଓ ପୁରୁଷ ଭକ୍ତଙ୍କ ସୁରକ୍ଷା ତଥା ସୁବିଧା କାର୍ଯ୍ୟରେ ନିୟୋଜିତ ରହିବେ। ସେହିପରି ୩୦ରୁ ଊର୍ଦ୍ଧ୍ୱ ଘରୋଇ ସୁରକ୍ଷା କର୍ମୀ ମୁତୟନ ହେବେ। ସେମାନଙ୍କ ମଧ୍ୟରୁ କେତେଜଣ ମା'ଙ୍କ ପାଖରେ ୨୪ ଘଣ୍ଟା ପ୍ରହରା ଦେବେ। ପୂରା ମଣ୍ଡପ ଓ ଚାରିପାର୍ଶ୍ୱକୁ ସିସିଟିଭିରେ ସଂଯୋଗ କରିବା ପାଇଁ ବ୍ୟବସ୍ଥା କରାଯାଇଛି।




ମା'ଙ୍କ ସମେତ ପାର୍ଶ୍ୱ ଦେବାଦେବୀଙ୍କ ମୁକୁଟ ସମେତ ବିଭିନ୍ନ ଆଭୂଷଣ ସୁନା ଓ ଚାନ୍ଦିରେ ପ୍ରସ୍ତୁତ କରାଯାଉଛି। ମଣ୍ଡପ ନିକଟ ବିଏମ୍‌ସି ପାର୍କିଂରେ ଭକ୍ତମାନେ ଗାଡ଼ି ପାର୍କିଂ କରିପାରିବେ। ଷଷ୍ଠୀଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ଭୁବନେଶ୍ୱର ଭସାଣି ଉତ୍ସବ ସମିତି ପକ୍ଷରୁ ହେବାକୁ ଥିବା ଭସାଣି ଉତ୍ସବରେ ଶହୀଦନଗର ଦୁର୍ଗାପୂଜା ସମିତିର ମେଢ଼ ୧୧ ନମ୍ବରରେ ରହିବ। ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଆଲୋକରେ ସୁସଜ୍ଜିତ ହୋଇ ମେଢ଼ ରୋଷଣୀରେ ଯୋଗଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସଭାପତି ହେମନ୍ତ କୁମାର ପରିଡ଼ା, ସମ୍ପାଦକ ସଚ୍ଚି ନନ୍ଦନ ନାୟ, ଉପଦେଷ୍ଟା ମନୋରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ଉପଦେଷ୍ଟା ସୁଧୀର କୁମାର ଶତପଥୀ, ଉପସଭାପତି ଚନ୍ଦନ କୁମାର ପାଳିତ, ଭସାଣୀ ସମିତିର ସମ୍ପାଦକ ହରିଶ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଖୋର୍ଦ୍ଧା ଜୟୀରାଜଗୁରୁ ଭବନଠାରେ ଶନିବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।



ଓୟୁଜେର ସଦସ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।



ମା' ବରୁଣେଇ ଖବରକାଗଜ ବିତରକ ସଂଘର ସଦସ୍ୟଙ୍କ ସହ ।



ଜିଲା ଯୁବ ଓ ଛାତ୍ର କଂଗ୍ରେସର ସଦସ୍ୟମାନେ ତଥାଗତ ସତପଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ପୁଷ୍ପିତା ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା।



ୟୁଜେୟୁ ଖୋର୍ଦ୍ଧା ଜିଲାର ସଦସ୍ୟମାନେ ସମ୍ପାଦକ ତଥାଗତ ସତପଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ଖୋର୍ଦ୍ଧା ପାଇକ ଆଖଡ଼ା ଦଳର ଗୁରୁ କବିରାଜ ପ୍ରଧାନ ଏବଂ ସଦସ୍ୟଙ୍କ ସହ ସମ୍ପାଦକ ତଥାଗତ ସତପଥୀ।



ଆଲୋଚନାଚକ୍ରରେ ଅତିଥିଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବୁଦ୍ଧିଜୀବୀ ।

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

**ବାଲୁଗାଁ,୨୮।୯(ସଂଗ୍ରାମ ପାଇକରାୟ)**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ସମ୍ପୃକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ କୋଦପୁର ଗ୍ରାମର ମନୋଜ ପ୍ରଧାନ। ଅଭିଯୋଗ ମୁତାବକ, ବିବାହ ପରଠାରୁ ମନୋଜ କୌଣସି କାରଣକୁ ନେଇ ସ୍ତ୍ରୀ ଲୋପାମୁଦ୍ରାଙ୍କୁ ନିର୍ଯାତନା ଦେଇଆସୁଥିଲେ। ତେବେ ସେ ସବୁକିଛି ସହ୍ୟ କରିନେଉଥିଲେ। ଗତ ଶୁକ୍ରବାର ମନୋଜ ମରଣାନ୍ତକ ଆକ୍ରମଣ କରିବାରୁ ଏନେଇ ଲୋପାମୁଦ୍ରା ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୦୫/୨୪) ରୁଜୁକରି ତଦନ୍ତ ଚଳାଇବା ସହ ମନୋଜଙ୍କୁ ଗିରଫ କରିଥିଲା।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ



**ଟାଙ୍ଗୀ,୨୮।୯(ରଘୁନାଥ ସାହୁ)**

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା, ଖୋର୍ଦ୍ଧା ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟାପିକା ଆୟେଶା ତନୱିର, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଫଳପ୍ରଦ କରିବା ପାଇଁ ସମସ୍ତଙ୍କର ସହଭାଗିତାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶପଥପାଠ କରିଥିଲେ। ଶିକ୍ଷକ ସୁଦର୍ଶନ ସାହୁ, ସାମ୍ବାଦିକ ରଘୁନାଥ ସାହୁ, ଉମେଶ ପଟ୍ଟନାୟକ, ବଡ଼ପାରି ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ରାଉତ, ପ୍ରଦୀପ ପରିଡ଼ା, ପ୍ରଦୀପ ମହାରଣା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଞ୍ଚିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ କରିବା ପରେ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ବେଦପାଠ କରିଥିଲେ। ଶିକ୍ଷକ ନୀଳାଦ୍ରି ସିଂହ ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସିସି ପ୍ରଶାନ୍ତ ମହାପାତ୍ର, ପଞ୍ଚାନନ ଭୁଜବଳ, କାହ୍ନୁ ବେହେରା, ସପନ ସର୍ଦ୍ଦାର, ପ୍ରସନ୍ନ ପାଇକରାୟ, ପ୍ରଶାନ୍ତ ବେହେରା, ସୁଶାନ୍ତ ମଲ୍ଲିକ, ବିଜୟ ମାନସିଂହ, ଦୁଃଶାସନ ପ୍ରଧାନ, ଅମିତ ଚକ୍ରବର୍ତ୍ତୀ, କାଶୀନାଥ ଘଡ଼ାଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।

# 'ସୁସ୍ଥ ଜୀବନ ପାଇଁ ପ୍ରାଣାୟାମ ଅପରିହାର୍ଯ୍ୟ'

**ଜଟଣୀ,୨୮।୯(ରବୀନ୍ଦ୍ରନାଥ ମହାକୁଡ଼)**

## ପରମାଣୁ ଉର୍ଜାର ସପ୍ତମ ଜାତୀୟ ଯୋଗ ସମ୍ମିଳନୀ ଉଦ୍‌ଘାଟିତ



ଜାତୀୟ ଯୋଗ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ନାଇଜର ଭୁବନେଶ୍ୱର ଜଟଣୀ କ୍ୟାମ୍ପସରେ ସପ୍ତମ ଜାତୀୟ ଯୋଗ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଷ୍ଠାନର କୁଳସଚିବ ତଥା ସମ୍ମିଳନୀ ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ବିଶିଷ୍ଟ କ୍ରିୟାଯୋଗୀ ସ୍ୱାମୀ ଶଙ୍କରାନନ୍ଦ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ସୁସ୍ଥ ଓ ଶୃଙ୍ଖଳିତ ଜୀବନ ପାଇଁ ପ୍ରାଣାୟାମ ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ରୂପେ ନାଇଜର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ ଯୋଗଦେଇ ବିଶ୍ୱକୁ ଭାରତର ପ୍ରାଚୀନ ଯୋଗ ଏବଂ ଆୟୁର୍ବେଦର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆୟୁଷ ମନ୍ତ୍ରଣାଳୟର ପ୍ରାକ୍ତନ ଉପମହାନିର୍ଦ୍ଦେଶକ ପ୍ରଫେସର ମଦନ ମୋହନ ପାଢ଼ୀ, ସମ୍ମାନିତ ଅତିଥି ରୂପେ ନାଇଜର ପରମାଣୁ ଉର୍ଜା ବିଭାଗର କ୍ରୀଡ଼ା ଓ ସଂସ୍କୃତି ପରିଷଦ ଅଧ୍ୟକ୍ଷା ପ୍ରଫେସର ଅର୍ଚ୍ଚନା ଶର୍ମା ଯୋଗଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଆୟୋଜନ ସମିତିର ଉପାଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ଦାସ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଯୋଗ ସମ୍ମିଳନୀର ଆବାହକ ଡ. ପ୍ରକାଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ଡ. ତପନ ମିଶ୍ର, ସାରଳାଶ୍ରିତ ମହାନ୍ତି, ଆନନ୍ଦ ରମଣ, ଧନେଶ୍ୱର ନାୟକ, ଅଭୟ ମହାନ୍ତି, ବିଷ୍ଣୁପ୍ରିୟା ଦାସ, ଶିବ ପ୍ରସାଦ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କନ୍ଦମାତା ବେଶରେ ମା' ବନଦୁର୍ଗା

**ନିରାକାରପୁର,୨୮।୯**
**(ମାନସ ଚନ୍ଦ୍ର ପଟ୍ଟନାୟକ)**



ଶାରଦୀୟ ପୂଜା ଅବସରରେ ଶନିବାର ରାମେଶ୍ୱର ପଞ୍ଚାୟତ ସ୍ଥିତ ମା'ବନଦୁର୍ଗା ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ.କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ ସହଯୋଗ କରିଥିଲେ। ସାମାଜିକ କର୍ମୀ ଭାଗୀରଥି ଦାଶ, ଦେବାଶିଷ ଦାଶ, ଶୁଭାଶିଷ ଦାଶଙ୍କ ପରିବାର ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

# ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ଯାଁଳା,୨୮।୯(ବୁଲା ବାରିକ)**

ପାତ୍ରପଡ଼ା ମେଡିସନାଲ ଗାର୍ଡେନରେ ଘାସ କାଟିବା ବେଳ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ମୁଣ୍ଡମୁହାଣ ଗ୍ରାମର ଚନ୍ଦ୍ରମା ଭୋଇ। ସେ କିଛି ବର୍ଷ ହେବ ଉକ୍ତ ଗାର୍ଡେନରେ ମାଳି ଭାବେ କାମ କରୁଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପରିବାର ଲୋକଙ୍କ ଅଭିଯୋଗ ମୁତାବକ, ଶନିବାର ସକାଳେ ଚନ୍ଦ୍ରମା କାମ କରିବା ପାଇଁ ଯାଇଥିଲେ। ଗାର୍ଡେନରେ କାମ କରୁଥିବା ବେଳେ ହଠାତ୍ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସିଟି ଡିଏଫ୍‌ଓ ଅଜିତ ଶତପଥୀ, ତମାଣ୍ଡୋ ପୋଲିସ ଏବଂ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପହଞ୍ଚିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଛି।

# ଓଡ଼ିଆ ସାହିତ୍ୟରେ ରାଧାନାଥ ରାୟଙ୍କ ସମକକ୍ଷ କବି ଦୁର୍ଲଭ

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**



ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ମୁଖପତ୍ର 'ମହାବାହୁ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ଗୀତାଭବନ ସଭାଗୃହରେ ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପରିଷଦର ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ କବିବର ରାଧାନାଥଙ୍କ ଉପରେ ସମ୍ୟକ ସୂଚନା ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ବିମଳା ସିଂହ ବିବରଣୀ ପାଠ କରିବା ପରେ ସାହିତ୍ୟ ପରିଷଦର ମୁଖପତ୍ର 'ମହାବାହୁ' ଲୋକାର୍ପିତ ହୋଇଥିଲା। ମୁଖ୍ୟ ଅତିଥି ପ୍ରଫେସର ଡ.ବାସନ୍ତୀ ମହାନ୍ତି, ମୁଖ୍ୟ ବକ୍ତା ପ୍ରାବନ୍ଧିକ ନିରାକାର ଦାସ, ସମ୍ମାନିତ ଅତିଥିଭାବେ ନାଟ୍ୟକାର ବିଜୟ କୁମାର ମହାନ୍ତି, କନ୍ଧିଆ କଲେଜ ଅଧ୍ୟକ୍ଷା ଡ.ସୁକାନ୍ତି ମହାପାତ୍ର, ପ୍ରଫେସର ଡ.ଶରତ ଚନ୍ଦ୍ର ମହାପାତ୍ର, ମନୋଜ କୁମାର ଜେନା, ଡ.ଶୁଭଦର୍ଶିନୀ ଦେବୀ ପ୍ରମୁଖ ରାଧାନାଥଙ୍କ ସାହିତ୍ୟ କୃତୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ନଦନଦୀ, ପାହାଡ଼ ପର୍ବତ, ହ୍ରଦ ସମୁଦ୍ର ତାଙ୍କ ଲେଖନୀରେ ଅଭିନବ ରୂପ ନେଇଛି। ସମଗ୍ର ଓଡ଼ିଶାର ପ୍ରକୃତି ରାଧାନାଥଙ୍କ କାବ୍ୟ ସଞ୍ଚାରରେ ଇନ୍ଦ୍ରଜାଲ ସୃଷ୍ଟି କରିଥିଲା। ତାଙ୍କ ଲେଖନୀମୁନରୁ ନିସୃତ କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ପାର୍ବତୀ, ଚିଲିକା, ଯଯାତି କେଶରୀ, ଉର୍ବଶୀ ଆଦି ବର୍ଣ୍ଣନା ବିଳାସ, ରୂପ ବିଭବ ପ୍ରକୃତିରେ ଏଭଳି ଚମତ୍କାର ହୋଇଛି ଯେ ତାଙ୍କ ଭଳି ସମକକ୍ଷ କବି ଦୁର୍ଲଭ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ରାଧାନାଥଙ୍କୁ ନେଇ କବିତା ପାଠରେ ବିକ୍ରମ ଚମ୍ପତି, ନୀଳାଦ୍ରି ଜଗଦ୍ଦେବ ଓ ଗୋବିନ୍ଦ ମହାରଣାଙ୍କ ସଂଯୋଜନାରେ ଦିବ୍ୟଲୋଚନ ଭାରିମଲ୍ଲ, ଡ.ଅଶୋକ ରାୟସିଂ, ଶାନ୍ତିଲତା ଦେବୀ, ଡ.ଚପଳା ପଣ୍ଡା, ପ୍ରଭାସ ମଙ୍ଗରାଜ, ବିଳାସିନୀ ଦାଶ, ରୋହିତ କୁମାର ଚମ୍ପତି, ସତ୍ୟବାନ ଶ୍ରୀଚନ୍ଦନ, ଜ୍ଞାନ ରଞ୍ଜନ ଦାଶ, ବିନତି ମିଶ୍ର, ସୁରେଶ ଚନ୍ଦ୍ର ବିଶ୍ୱାଳ, ଦେବରାଜ ପ୍ରଧାନ, ସୁବାସିନୀ ପଟ୍ଟନାୟକ, ଇତିଶ୍ରୀ ସାହୁ, ପ୍ରଫୁଲ୍ଲ ଦାସ, ଶ୍ରୀଧର ଦାସ, ନଳିନୀ ଦାସ, ବଂଶୀଧର ଦାସ ପ୍ରମୁଖ ୩୨ ଜଣ କବିତା ପାଠ କରିଥିଲେ। ଭୀମସେନ ପ୍ରଧାନ, ବସନ୍ତ କୁମାର ଦାଶ, ବିମଳା ସିଂ, ଦେବବ୍ରତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଷୋଳପୂଜା ଅବସରରେ କଟକ ଚଣ୍ଡୀଙ୍କ ତ୍ରିପୁର ଭୈରବୀ ବେଶ।


ମା' ଗଡ଼ଚଣ୍ଡୀଙ୍କ କାଳୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ସରସ୍ୱତୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ଦକ୍ଷିଣକାଳୀ ବେଶ।


ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ରୁଦ୍ରାଣୀ ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।


ବଡ଼ମ୍ବା ଭଟ୍ଟାରିକାଙ୍କ ମାତଙ୍ଗୀ ବେଶ।

# ପାରମ୍ପରିକ ବାଦ୍ୟରେ କମ୍ପିବ ଭସାଣି ଶୋଭାଯାତ୍ରା



## ବିରାଜିବେ ମା'

କଟକ, ୨୮।୯ (ଶିଲ୍ପା ପ୍ରିୟଦର୍ଶିନୀ)




ପାଖେଇ ଆସୁଛି ଦୁର୍ଗାପୂଜା। ଚଳଚଞ୍ଚଳ ହୋଇଛି କଟକ ସହର। ପୂଜା ମଣ୍ଡପଗୁଡ଼ିକରେ ମୂର୍ତ୍ତି ଓ ତୋରଣ ନିର୍ମାଣ କାମ ଜାରି ରହିଛି। ବିଭିନ୍ନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଏଥିପାଇଁ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ବଙ୍ଗାଳୀ ସାହି ପୂଜା କମିଟି। ୧୮୭୫ ମସିହାରୁ ଏଠାରେ ଦୁର୍ଗାପୂଜା ପାଳନ କରାଯାଉଛି। ୬ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ ମନୋଜ ମୁଦୁଲି ଓ ସାଥୀ କାରିଗର ନିୟୋଜିତ ହୋଇଛନ୍ତି। ସେହିପରି ୧୮ ଫୁଟ ଉଚ୍ଚତାର ଜରିମେଢ଼କୁ କାରିଗର ଦେବରାଜ ଦାସ ତିଆରି କରୁଛନ୍ତି। ମା'ଙ୍କ ସୁନା ଅଳଙ୍କାର ସମେତ ପାର୍ଶ୍ୱ ଦେବଦେବୀଙ୍କର ପ୍ରାୟ ୭୦ କେଜି ଓଜନର ଅଳଙ୍କାର ରହିଛି। ଚଳିତବର୍ଷ ୧୦ ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ଓଡ଼ିଆ ପରମ୍ପରା ଅନୁଯାୟୀ ଏଠାରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଚଳିତବର୍ଷ ପୂଜାରେ ଦୁଇଟି ଲାଇଟ୍ ଗେଟ୍ ସମେତ ସ୍ଥାନୀୟ ଅଞ୍ଚଳକୁ ଆଲୋକରେ ସଜାଯିବ। ଦଶମୀରେ ମା'ଙ୍କ ନିକଟରେ ଲଡୁ ଭୋଗ କରାଯାଇ ୧ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ସେହିପରି ଏକାଦଶୀରେ ମହିଳାମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ଭସାଣି ଶୋଭାଯାତ୍ରାରେ ବ୍ରହ୍ମପୁରର ବ୍ୟାଣ୍ଡ ପାର୍ଟି ଓ ସମ୍ବଲପୁରର ଘଣ୍ଟବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ମହାଷ୍ଟମୀରେ ବ୍ରତ ପୂଜା



“ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମା'ଦୁର୍ଗାଙ୍କ ପୂଜା ନିଷ୍ଠାର ସହ ପାଳନ କରାଯିବ। ମହାଷ୍ଟମୀରେ ମହିଳାମାନେ ବ୍ରତ ପୂଜା କରିବେ। ଭକ୍ତମାନେ ଯେଭଳି ଶାନ୍ତିଶୃଙ୍ଖଳାରେ ମା'ଙ୍କୁ ଦର୍ଶନ କରିପାରିବେ ସେଥିପ୍ରତି କମିଟି ସଦସ୍ୟମାନେ ଗୁରୁତ୍ୱ ଦେବେ।

ଗୋକୁଳାନନ୍ଦ ପଟ୍ଟନାୟକ, ସଭାପତି

### ଆକର୍ଷଣ ସାଜିବ ସମ୍ବଲପୁରର ଘଣ୍ଟବାଦ୍ୟ



“ ଚଳିତବର୍ଷ ନିଶାମୁକ୍ତ ଭସାଣି ଓ ଡିଜେମୁକ୍ତ ରୋଶଣି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ଜଣାଇ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ସାମିଲ ହେବ। ବିଶେଷକରି ସମ୍ବଲପୁରର ଘଣ୍ଟବାଦ୍ୟ ଭସାଣିରେ ଆକର୍ଷଣ ସାଜିବ।

ଜୀବନ କୁମାର ମହାନ୍ତି, ସମ୍ପାଦକ

# ଭାଜପାର ସଦସ୍ୟତା ଅଭିଯାନ


କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ବିଜୟ ପାଲ୍ ସିଂ ତୋମାର ଓ ଅନ୍ୟମାନେ।

କଟକ,୨୮।୯(କାର୍ତ୍ତିକ ସାହୁ)

କଟକ ଫ୍ରେଣ୍ଡ୍ସ କଲୋନୀସ୍ଥିତ ଚୌରାଅଶୀ ମଣ୍ଡଳ କମ୍ୟୁନିଟି ହଲ୍‌ରେ ଭାଜପା କଟକ ନଗର ପକ୍ଷରୁ ରକ୍ତଦାନ ଶିବିର ଓ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ତଥା ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଯୋଗଦେଇଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, ନଗର ସଂଯୋଜକ ସମ୍ବିତ ସାମଲ ଓ ଉପେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରଫେସର ଧୀରେନ୍ଦ୍ର ନାଥ ମହାରଣା, ନୀହାର ରାୟ, କୌଶଲ୍ୟା ଓଝା, ଜଗଜୀବନ ମହାନ୍ତି ପ୍ରମୁଖ ଭାଜପା ସଦସ୍ୟତା ଗ୍ରହଣ କରିଥିଲେ। ଏଥିରେ ରାଜ୍ୟ ପ୍ରବକ୍ତା ଦିଲୀପ ମଲ୍ଲିକ, ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ପ୍ରଭାରି ପ୍ରତିଭା ଶତପଥି, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ, ନଗର ସଦସ୍ୟତା ପ୍ରମୁଖ ବସନ୍ତ ଜେନା, ବିବେକାନନ୍ଦ ନାୟକ, ଦିଲୀପ ସାହୁ, ନିରଞ୍ଜନ ବେହେରା, ନମିତା ମିଶ୍ର, ଅନୁପମ ଦାସ, ସୁରେଖା ସୁନ୍ଦରୀ ସ୍ୱାଇଁ, ପ୍ରବୀଣା ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଧାରଣାରୁ ଉଠିଲେ ନର୍ସିଂ ଅଫିସର

## ଭେଟିଲା ପିସିସି ଷ୍ଟିୟରିଂ କମିଟି ପ୍ରତିନିଧି ଦଳ

କଟକ,୨୮।୯(କାର୍ତ୍ତିକ ସାହୁ)

୧୦ ଦଫା ଦାବି ନେଇ ଶୁକ୍ରବାରଠାରୁ ନର୍ସିଂ ଅଫିସରମାନେ ଏସ୍‌ସିବି ମେଡିକାଲ, ଶିଶୁଭବନ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଶନିବାର ପୂର୍ବାହ୍ନରେ ପିସିସି ଷ୍ଟିୟରିଂ କମିଟି ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ସିବି ଓ କର୍କଟ ରୋଗ ଅନୁଷ୍ଠାନରେ ପହଞ୍ଚି ଆନ୍ଦୋଳନରତ ନର୍ସିଂ ଅଫିସରଙ୍କ ସହ ଆଲୋଚନା କରିଥିଲା। ପ୍ରତିନିଧି ଦଳରେ ଷ୍ଟିୟରିଂ କମିଟି ସଦସ୍ୟ ସସ୍ମିତା ବେହେରା, ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ସୋନାଲୀ ସାହୁ, ଡ.ମନୀଷା ଦାସପଟ୍ଟନାୟକ ଓ ଜୟଶ୍ରୀ ପାତ୍ର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନର୍ସିଂ କର୍ମଚାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ମଧ୍ୟରେ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# 'ସୁସ୍ଥ ସମାଜ ଗଠନ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ'



ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୨୮।୯(କାର୍ତ୍ତିକ ସାହୁ)

## ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ କଟକ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ସୁସ୍ଥ ସମାଜ ଗଠନ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ। ମୁଖ୍ୟ ଅତିଥି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ପରିବର୍ତ୍ତିତ ପରିସ୍ଥିତିରେ ଗୁରୁଜନଙ୍କୁ ହତାଦର କରାଯିବାକୁ ରୋକିବା ଓ ନିରାଶ୍ରୟଙ୍କ ଲୁହ ପୋଛିବା ଦିଗରେ ସାମାଜିକ ଅନୁଷ୍ଠାନର ଭୂମିକା ଗୁରୁତ୍ୱ ରଖେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମଧୁସ୍ମିତା ବାରିକ, ତ୍ରିଦେବ ବେହେରା, ସୁନୀଲ ମୁରାରାକା ଯୋଗଦେଇଥିଲେ। ଏହି ଅବସରରେ ଡା. ପ୍ରଜ୍ଞା ପାରମିତା ମିଶ୍ର, ଡା. ପ୍ରିୟଦର୍ଶୀ ତ୍ରିପାଠୀ, ଶୁକମଲ ଦାସ, ଡା. ଜ୍ଞାନରଞ୍ଜନ ସାହୁଙ୍କୁ ଓଡ଼ିଶା ସେବା ପ୍ରତିଭା, ବନଜା ପଣ୍ଡା ଓ ହରପ୍ରସାଦ ପଣ୍ଡାଙ୍କୁ ଓଡ଼ିଶା ଆଇନ ପ୍ରତିଭା, ଇଂ. ସନ୍ଦୀପ କୁମାର, ଇଂ. ସଞ୍ଜୟ ମହାନ୍ତିଙ୍କୁ ଓଡ଼ିଶା ନିର୍ମାଣ ପ୍ରତିଭା, ଏସିପି କୃଷ୍ଣଚନ୍ଦ୍ର ସେଠୀ, ଏସିପି ସ୍ୱସ୍ତିକ ପଣ୍ଡା ଓ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କୁ ଓଡ଼ିଶା ଆରକ୍ଷୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସଂଘ ଉପଦେଷ୍ଟା ଶରତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ଆଜୀବନ ଉପଦେଷ୍ଟା ପଦ୍ମଲୋଚନ ମିଶ୍ର ଧନ୍ୟବାଦ ଦେଇଥିଲେ।

# କଲେଜରେ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,୨୮।୯(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୋଡ଼ାଲ କନ୍‌ଭେନର ଡ. ସସ୍ମିତା ପଟ୍ଟନାୟକ, ଏସ୍‌ସିବି ମେଡିକାଲ କଲେଜର ସୁପରଭାଇଜର ଅଞ୍ଜଳି ଦାସ, ଟାଙ୍ଗୀ କଲେଜର ପ୍ରାଧ୍ୟାପିକା ବିଲ୍‌କେଶ ପର୍ବିନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ କଲେଜର ୬୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଅଧ୍ୟାପିକା ଡ. ମମତା ସାହୁ, ଦେବାଶିଷ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଶିବିରରୁ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ




କଟକ,୨୮।୯(କାର୍ତ୍ତିକ ସାହୁ)

ୱାଇଏମ୍‌ସିଏ, ୱାଇଜ୍ ମେନ୍‌ସ କ୍ଲବ୍ ଅଫ୍ କଟକ ମିଲେନିୟମ ଓ ଅମୁଲର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର କଟକ ମିଶନ ରୋଡ୍‌ସ୍ଥିତ ୱାଇଏମ୍‌ସିଏ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜର ପ୍ରକାଶକ ଓ ମୁଦ୍ରାକର ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ରକ୍ତଦାନ ମହତ କାର୍ଯ୍ୟ ବୋଲି କହିଥିଲେ। ୱାଇଏମ୍‌ସିଏ ସଭାପତି ଡ. ରାଜବଲ୍ଲଭ ମହାନ୍ତି, କୋଷାଧ୍ୟକ୍ଷ ଉଦୟ କୁମାର ପୁରୀ, ୱାଇଜ ମେନ୍‌ସ କ୍ଲବ୍ ଅଫ୍ କଟକ ମିଲେନିୟମ ସଭାପତି ସୁଧାନନ୍ଦ ବିହାରୀ ଓ ଅମୁଲର ଅଫିସ ଇନ୍‌ଚାର୍ଜ (ଡାଇରି ଲାଇନ) ଗଣପତି ରାଉତ ଓ ଅଫିସର ଇନ୍‌ଚାର୍ଜ (ଫ୍ରୋଜେନ ଲାଇନ) ଜଗମୋହନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ୱାଇଏମ୍‌ସିଏ ସମ୍ପାଦକ ଇଂ. ଆଲୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# 'ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ,୨୮।୯(କାର୍ତ୍ତିକ ସାହୁ)

ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକଙ୍କ ଗୁଣାତ୍ମକ ଶିକ୍ଷାଦାନ, ନିଷ୍ଠା ତଥା ତ୍ୟାଗପୂର୍ଣ୍ଣ କର୍ତ୍ତବ୍ୟ ବିଦ୍ୟାର୍ଥୀଙ୍କ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। କଟକ ମିଡ୍‌ଟାଉନ୍ ରୋଟାରୀ କ୍ଲବ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ରୋଟାରୀ କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତା ଏବଂ ଇନରହୁଇଲ କ୍ଲବ୍ ସଭାନେତ୍ରୀ ଡ. ମିତା ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋଟାରିଆନ ଶୁଭ୍ରାଂଶୁ ସାମନ୍ତରାୟ, ରବୀନ୍ଦ୍ର ନାଥ ସ୍ୱାଇଁ, ଡା. ମୋନାଲିସା ପଣ୍ଡା ବକ୍ତବ୍ୟ ଦେଇଥିଲେ। ରୋଟାରିଆନ କାହ୍ନୁ ଚରଣ ଦାସ, ମେଜର ନନ୍ଦକିଶୋର ଶତପଥୀ, ବିଭୂତି ଭୂଷଣ ରାଉତ, ଅଞ୍ଜଳି ଦତ୍ତ, ଅରୁଣ ଦାଶ, ଶୈଳେନ୍ଦ୍ର ନାରାୟଣ ଠାକୁର, ଲଳିତ ଶତପଥି, ରଘୁନାଥ ଭୂତ, ଡ. ରଜନୀକାନ୍ତ ଶତପଥୀ, ଡା. ଉତ୍ତମ ସାହୁ, ଆଡ୍‌ଭୋକେଟ ମନୋରଞ୍ଜନ ମହାନ୍ତି, ଅନିତା ପତି, ରଞ୍ଜିତା ଧଳ, ମିନା ଭୂତ, ସଂଯୁକ୍ତା ମଲ୍ଲିକ, ଦିଲୀପ କୁମାର ସାହୁ ପ୍ରମୁଖ ଶ୍ରେଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

# 'ନୂଆ ଫୌଜଦାରି ଆଇନ ସମ୍ପର୍କରେ ସଚେତନତା ଲୋଡ଼ା'

କଟକ,୨୮।୯(କାର୍ତ୍ତିକ ସାହୁ)



ଆଲୋଚନାଚକ୍ରରେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ବକ୍ତବ୍ୟ ଦେଉଛନ୍ତି।

ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ନୂତନ ଫୌଜଦାରି ଆଇନ ଶୀର୍ଷକ ଆଲୋଚନାଚକ୍ର କଟକ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ନୂତନ ଭାବେ ପ୍ରଚଳିତ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସିଆର୍‌ପିସି, ଆଇପିସି ଓ ଏଭିଡେନ୍ସ ଆଇନ ବଦଳରେ ଦେଶରେ ନୂତନ ଆଇନ ପ୍ରଚଳିତ ହୋଇଛି। ଏହି ନୂଆ ଆଇନ ସମ୍ପର୍କରେ ସମସ୍ତେ ସଚେତନ ହେବା ଆବଶ୍ୟକ। ଏହାଦ୍ୱାରା ଲୋକମାନେ ସେମାନଙ୍କ ଅଧିକାର ଓ ବିଚାରଗତ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇପାରିବେ। ମୁଖ୍ୟବକ୍ତା ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ପଙ୍ଗାରୀ ଯୋଗଦେଇ ପୁରୁଣା ଆଇନ ଓ ନୂତନ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଚଳିତ ନୂତନ ଆଇନରେ ତ୍ୱରିତ ବିଚାର ପ୍ରକ୍ରିୟାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସେ କହିଥିଲେ। ଅନ୍ୟତମ ବକ୍ତା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ପାରୋମିତା ଚଟ୍ଟୋରାଜ ନୂତନ ଫୌଜଦାରି ଆଇନର ବିଶ୍ଳେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ବାର୍ ଆସୋସିଏଶନ୍ ସଭାପତି ନାରାୟଣ ପ୍ରସାଦ ପରିଜା, ସମ୍ପାଦକ ଅଶୋକ ଜେନା, ଆଇନଜୀବୀ କ୍ଷେତ୍ରମୋହନ ଧଳ ଯୋଗଦେଇ ପ୍ରଚଳିତ ନୂଆ ଆଇନ ଓ ପୁରୁଣା ଆଇନ ସମ୍ପର୍କରେ ଏକ ତୁଳନାତ୍ମକ ତର୍ଜମା କରିଥିଲେ। ଆଇନଜୀବୀ ବିଜୟ କୁମାର ପଣ୍ଡାଙ୍କ ସମେତ ବାର୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଏଥିରେ ଯୋଗଦେଇଥିଲେ।

# ପରଦାକୁ ଆସିଲା ଚଳଚ୍ଚିତ୍ର 'ଅତିଥି'

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଥ୍ରୀଲର ଚଳଚ୍ଚିତ୍ର 'ଅତିଥି' ଶୁକ୍ରବାର ପ୍ରେକ୍ଷାଳୟରେ ଶୁଭମୁକ୍ତି ହୋଇଛି। ଟ୍ରେଲର ଦେଖିବା ପରେ ଦର୍ଶକ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦେଖିବାକୁ ବେଶ୍ ଆଗ୍ରହୀ ଥିଲେ। ଅଜୟ ପାତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ସ୍ମିତ ପଟ୍ଟନାୟକ ରହିଛନ୍ତି। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ମନୋଜ ମିଶ୍ର, ସୁକାନ୍ତ ରଥ, ଚିନ୍ମୟ ମିଶ୍ର, ଅଭିଷେକ ଗିରି, ଦୀପନ୍ୱିତ ଦାଶମହାପାତ୍ର, ଅନୁ ଚୌଧୁରୀ, ଦିବ୍ୟା ଦିଶା ମହାନ୍ତି, ସାୟଲ ମୁଖାର୍ଜୀ ବିମ୍ବେଶ, ଜୀବନ ପଣ୍ଡା, ପ୍ରସିଦ୍ଧି ଓ ସୁଶ୍ରୀ ଶୁଭଶ୍ରୀ ଅଭିନୟ କରିଛନ୍ତି। ସମସ୍ତଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣିବା ସହ ଚଳଚ୍ଚିତ୍ରଟି ବାନ୍ଧି ରଖିବ ବୋଲି ପ୍ରଯୋଜକ ଆଶା କରିଛନ୍ତି। ଏକ ପରିବାର ତିନୋଟି ରହସ୍ୟମୟ ଅପରିଚିତ ବ୍ୟକ୍ତିଙ୍କୁ ସାମ୍ନା କରନ୍ତି, ଯାହାର ଉପସ୍ଥିତି ସେମାନଙ୍କ ଶାନ୍ତ ଜୀବନକୁ ବାଧା ଦେଇଛି, ରହସ୍ୟ ଉନ୍ମୋଚନ କରିଛି ଏବଂ ସସପେନ୍ସ ଜାରି ରଖିଛି। ତିନିଜଣ ଉଚ୍ଚ ଶିକ୍ଷିତ ଯୁବକ ପ୍ରତିଶୋଧ ପରାୟଣ ହୋଇ ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ଗୁଳି କରିଛନ୍ତି ଏବଂ ନିଜ ଜୀବନ ବଞ୍ଚେଇବାକୁ ଯାଇ ଏକ ପରିବାରକୁ ବନ୍ଧକ ରଖିଛନ୍ତି। ଏହିଭଳି କଥାବସ୍ତୁକୁ ନେଇ କାହାଣୀଟି ଗତିଶୀଳ ହୋଇଛି।

# ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସଫଳ ହେଲା

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)



୪ ଦିନର କାର୍ଯ୍ୟବନ୍ଦ ଆନ୍ଦୋଳନ ପରେ ଶନିବାର ନର୍ସିଂ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଆଲୋଚନା ସଫଳ ହୋଇଛି। ସରକାର ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ସମସ୍ତ ଦାବି ନେଇ ଅବଗତ ଅଛନ୍ତି। ଏନେଇ ସରକାର ଏକ ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଖୁବ୍‌ଶୀଘ୍ର ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସଂଘ ସଭାନେତ୍ରୀ ଶୁଚିସ୍ମିତା ଦାଶ କହିଛନ୍ତି। ରବିବାରଠାରୁ ସମସ୍ତ ନର୍ସିଂ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ। ଯେଉଁମାନେ ଚାହିଁବେ ଶନିବାର ରାତିରୁ କାର୍ଯ୍ୟରେ ଯୋଗଦେଇ ପାରିବେ ବୋଲି ସଭାନେତ୍ରୀ ସୂଚନା ଦେଇଛନ୍ତି। ତେଣୁ ରବିବାରଠାରୁ ରାଜ୍ୟରେ ଚିକିତ୍ସା ବ୍ୟବସ୍ଥା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଲୋକସେବା ଭବନଠାରେ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଶାସନ ସଚିବ ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ସଂଘ ଭର୍ଚ୍ଚୁଆଲରେ ସମସ୍ତ ଜିଲାର ମୁଖ୍ୟଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିଲା। ଏନେଇ ସଂଘର ସମ୍ପାଦକ ଅଶ୍ୱିନୀ ଦାଶ କହିଛନ୍ତି, ଆଲୋଚନା ଫଳପ୍ରଦ ହୋଇଛି। ଆମର ମୁଖ୍ୟ ଦାବି ଥିଲା ସରକାରଙ୍କ ସହିତ ସିଧାସଳଖ ଆଲୋଚନା କରିବା, ଯାହାକି ପୂରଣ ହେଲା। ସରକାର ଆମର ସବୁ ଦାବି ନେଇ ଅବଗତ ଥିବା କହିବା ସହ ତାହାକୁ ପୂରଣ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ସହ ଯେପରି ରୋଗୀସେବାରେ ବ୍ୟାଘାତ ସୃଷ୍ଟି ନ ହେବ ସେଥିପାଇଁ ଆମେ କାର୍ଯ୍ୟରେ ଯୋଗଦେବାକୁ ନିଷ୍ପତ୍ତି ନେଲୁ ବୋଲି ସମ୍ପାଦକ ଦାଶ କହିଛନ୍ତି।

୧୦ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଗତ ବୁଧବାର ୨୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଥିଲା। ପ୍ରଥମ ଦୁଇଦିନ ଜରୁରିକାଳୀନ ସେବା ଜାରି ରହିଥିବାବେଳେ ଶୁକ୍ରବାରଠାରୁ ଏହି ସେବାକୁ ବନ୍ଦ କରିଦିଆଯାଇଥିଲା। ପ୍ରଥମେ ଆନ୍ଦୋଳନରେ ମାତ୍ର ୧୦ ପ୍ରତିଶତ ନର୍ସିଂ କର୍ମଚାରୀ ସାମିଲ

### ଆଜିଠାରୁ କାର୍ଯ୍ୟରେ ଯୋଗଦେବେ, ସ୍ୱାଭାବିକ ହେବ ସ୍ୱାସ୍ଥ୍ୟସେବା

ହୋଇଥିବାବେଳେ ଶୁକ୍ରବାରଠାରୁ ସଂଘ ସହ ଯୋଡି ହୋଇଥିବା ପ୍ରାୟ ୧୬ହଜାର କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିଦେଇଥିଲେ। ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟରେ ସମସ୍ତ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜଗୁଡ଼ିକରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏକପ୍ରକାର ଦୋହଲି ଯାଇଥିଲା। ରୋଗୀଙ୍କୁ ସାଲାଇନ୍ ଲଗାଇବାଠାରୁ ଆରମ୍ଭ କରି ଇଞ୍ଜେକ୍ସନ ଦେବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହାତଗଣତି ଆଉଟ୍‌ସୋର୍ସିଂ ନର୍ସ ଏବଂ ନର୍ସିଂ ଛାତ୍ରୀଛାତ୍ରଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ରୋଗୀଙ୍କୁ ଗୋଟେ ୱାର୍ଡରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରିବା ବେଳେ ରୋଗୀଙ୍କ ସମ୍ପର୍କୀୟ ସାଲାଇନ୍ ଧରି ଆଗେଆଗେ ଯିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥିତି ଏପରି ହୋଇଥିଲା ଯେ, ଜରୁରିକାଳୀନ ଚିକିତ୍ସା ସେବା ଆବଶ୍ୟକ କରୁଥିବା ରୋଗୀଙ୍କୁ ଏମ୍‌ସ ସମେତ ବିଭିନ୍ନ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସଂଗ୍ରାମ



@ ରଘୁନାଥ



@ ପ୍ରମୋଦ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# 'ସଙ୍ଗୀତାୟନ'ରେ ବାଦ୍ୟ, ସଙ୍ଗୀତର ଧୂନ୍




କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନୀ ସଙ୍ଗୀତ ସହ ସିତାର ଓ ତବଲାବାଦନ କରାଯାଉଛି।

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବିଶିଷ୍ଟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ, ସମ୍ମାନିତ ଅତିଥି ଭାବେ ଯୁଗ୍ମ ଶାସନ ସଚିବ ଦେବପ୍ରସାଦ ଦାସ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା ଓ ବିଶିଷ୍ଟ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତଜ୍ଞ ଗୁରୁ ଡ. ଚିତ୍ତରଞ୍ଜନ ପାଣି ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଚନ୍ଦନ କୁମାର ଜେନାଙ୍କ ପରିଚାଳନା ଏବଂ ନିର୍ଦ୍ଦେଶନା ତଥା ଗୁରୁ ଧୃତିମୟ ବେହେରାଙ୍କ ସହନିର୍ଦ୍ଦେଶନାରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତରେ ଶିଳ୍ପୀ ଅରୋଅଶେଷ ପାତ୍ର, ଯୁଗଳବନ୍ଦୀରେ ମନସ୍ୱିନୀ ଭୁଜବଳ, ବର୍ଷାରାଣୀ ପ୍ରଧାନ ସଙ୍ଗୀତ ପରିବେଷଣ କରିଥିଲେ। ହାରମୋନିୟମରେ ଆଶିଷ କୁମାର ନାଗ, ତବଲାରେ ଗୁରୁ ସୁରେଶ କୁମାର ବେହେରା, ତାନ୍‌ପୁରାରେ ଦୁର୍ଗାଶଙ୍କର ଦାସ, ପରିଚାଳନା ଓ ନିର୍ଦ୍ଦେଶନାରେ ଗୁରୁ ବଦନ କୁମାର ଜେନା ସହଯୋଗ କରିଥିଲେ। ବୃନ୍ଦ ସିତାର ବାଦନରେ ଗୁରୁ ଭୀମସେନ ମହାରଣା ଓ ସୌନ୍ଦର୍ଯ୍ୟ ରଞ୍ଜନ ରାୟଙ୍କ ନିର୍ଦ୍ଦେଶନାରେ ସଙ୍ଗୀତା ବେହେରା, ଅର୍ପିତା ପ୍ରିୟଦର୍ଶିନୀ ସାହୁ ଓ ମିନତି ବେହେରାଙ୍କ ସହ ପ୍ରୀତିସୁନ୍ଦର ବେହେରା ତବଲାରେ ସହଯୋଗ କରିଥିଲେ। ବୃନ୍ଦ ତବଲା ବାଦନରେ ବିନୋଦ ବିହାରୀ ରାଉତଙ୍କ ନିର୍ଦ୍ଦେଶନାରେ ସାର୍ଥକ ପରିଡ଼ା, ଶମ୍ଭୁ ମାଇତି, ଚନ୍ଦ୍ରଶେଖର ନନ୍ଦ, ସତ୍ୟବ୍ରତ ବେହେରା, ପ୍ରଦେଶ କୁମାର ସାହୁ, ସ୍ମୃତିରଞ୍ଜନ ପଣ୍ଡା, ଶୁଭଙ୍କର ଦାସ, କୃଷ୍ଣ କେଶବ ଦାସ, ଏସ୍. ଏସ୍. ଗୌରବ ନିର୍ମାଲ୍ୟ ଶଙ୍କର ସ୍ୱାଇଁଙ୍କ ସହିତ ହାରମୋନିୟମରେ ଧନେଶ୍ୱର ଓଝା ଓ ଭାଓଲିନ୍‌ରେ କେ. ଭୁବନେଶ୍ୱରୀ ସହଯୋଗ କରିଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଦିନକରେ ୮ ରୋଗୀଙ୍କୁ ରେଫର କଲା କ୍ୟାପିଟାଲ ହସ୍ପିଟାଲ

ଭୁବନେଶ୍ୱର,୨୮।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ନର୍ସିଂ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ହେଲେ ଏହି ଆନ୍ଦୋଳନ ପାଇଁ ସାରା ରାଜ୍ୟର ସ୍ୱାସ୍ଥ୍ୟସେବା ଏକ ପ୍ରକାର ବିଗିଡ଼ିଯାଇଥିଲା। ବହୁ ହଜାର ନର୍ସ ନିଜ ଦାବି ହାସଲ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରି ସ୍ଥିତିରେ ନର୍ସଙ୍କ ବିକଳ୍ପ ଭାବେ ଏଏନ୍‌ଏମ୍, ଆଉଟ୍‌ସୋର୍ସିଂ ନର୍ସ, ନର୍ସିଂ ଛାତ୍ରୀଛାତ୍ରଙ୍କୁ ହସ୍ପିଟାଲରେ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଥିଲା। ରାଜ୍ୟର ଅନ୍ୟତମ ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ହସ୍ପିଟାଲରେ ୩ଶହରୁ ଊର୍ଦ୍ଧ୍ୱ ନର୍ସ ନିୟୋଜିତ ଥିବାବେଳେ ମାତ୍ର ୫୦ଜଣ ଆଉଟ୍‌ସୋର୍ସିଂ ନର୍ସଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ୮ଟି ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ୩୦ଜଣ ଲେଖାଏ ନର୍ସିଂ ଛାତ୍ରୀଛାତ୍ରଙ୍କୁ ଡାକି କାମ ଚଳାଯାଉଥିବା ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ଧନଞ୍ଜୟ ଦାସ କହିଥିଲେ। ଅପରପକ୍ଷେ ନର୍ସଙ୍କ ଅଭାବ ପାଇଁ ଜରୁରିକାଳୀନ ଚିକିତ୍ସା ବ୍ୟାହତ ହେବା ସହ ହସ୍ପିଟାଲରେ ରୋଗୀ ସଂଖ୍ୟା ମଧ୍ୟ କମିଥିଲା। ଶନିବାର ଅପରାହ୍ଣ ସୁଦ୍ଧା ମୋଟ୍ ୧୯ଜଣ ରୋଗୀଙ୍କୁ

### ଆନ୍ଦୋଳନ ପାଇଁ ପ୍ରଭାବିତ ହୋଇଥିଲା ସ୍ୱାସ୍ଥ୍ୟସେବା

ଆଡ୍‌ମିଟ୍ କରାଯାଇଥିବାବେଳେ ଅନ୍ୟ ୭ଜଣ ରୋଗୀଙ୍କୁ ଏମ୍‌ସ ଏବଂ କଟକ ଏସ୍‌ସିବିକୁ ରେଫର କରାଯାଇଥିଲା। ସେହିଭଳି ୫ଜଣ ଗର୍ଭବତୀଙ୍କ ଅସ୍ତ୍ରୋପଚାର ହୋଇଥିବାବେଳେ ଜରୁରିକାଳୀନ ସେବା ଆବଶ୍ୟକ କରୁଥିବା ଜଣେ ଗର୍ଭବତୀଙ୍କୁ ଏମ୍‌ସ ରେଫର କରାଯାଇଥିଲା। ହସ୍ପିଟାଲରେ ପୂର୍ବରୁ ଅନେକ ରୋଗୀ ଅସ୍ତ୍ରୋପଚାର ପାଇଁ ଆଡ୍‌ମିଟ୍ ହୋଇଛନ୍ତି। କେବଳ ଜରୁରିକାଳୀନ ରୋଗୀଙ୍କୁ ଛାଡ଼ି ବାକି ରୋଗୀଙ୍କର ଅସ୍ତ୍ରୋପଚାର ବନ୍ଦ ରହିଛି। ହସ୍ପିଟାଲର ଆଇସିୟୁରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଶନିବାର ଆଇସିୟୁରେ ୭ଜଣ ରୋଗୀ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କ ପାଇଁ ମାତ୍ର ୨ଜଣ ନର୍ସ ରହିଥିଲେ। କେବଳ କାମଚଳା ଭାବେ ରୋଗୀସେବା ଚାଲିଥିବାବେଳେ ବିଭିନ୍ନ ବିଭାଗର ଓପିଡିକୁ ଆସୁଥିବା ଏବଂ ୱାର୍ଡରେ ଥିବା ରୋଗୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

# ଶ୍ରୀକ୍ଷେତ୍ରରେ ଆମେରିକା ରାଷ୍ଟ୍ରଦୂତ

## ବ୍ଲୁ ଫ୍ଲାଗ୍ ବିଚ୍ ବୁଲିଲେ, ପରିକ୍ରମା ପ୍ରକଳ୍ପ ଦେଖିଲେ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)



ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଏରିକ୍ ମାଇକେଲ୍ ଗରସେଟି ସପରିବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଶନିବାର ପୁରୀରେ ପହଞ୍ଚିଛନ୍ତି। ସେ ପ୍ରଥମେ ବ୍ଲୁ ଫ୍ଲାଗ ବିଚ୍ ବୁଲିବା ସହ ସମୁଦ୍ରରେ ସ୍ନାନ କରିଥିଲେ। ପରେ ଅପରାହ୍ନରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଓ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଅବସରରେ ପତିତପାବନ ଦର୍ଶନ କରିବା ସହ 'ଜୟ ଜଗନ୍ନାଥ' କହିଥିଲେ। ସେ ପୁରୀ ଆସି ବହୁତ ଖୁସି ଅନୁଭବ କରୁଥିବା କହିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଶେଷରେ ପୁରୀର କିଛି ସାହି ବୁଲିସାରି ସେ ରହୁଥିବା ହୋଟେଲକୁ ଫେରିଯାଇଥିଲେ। ସେ ଏଠାରେ ରାତ୍ରିଯାପନ କରିବେ ଓ ରବିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଯିବାର କାର୍ଯ୍ୟକ୍ରମ ରହିଛି। ତାଙ୍କୁ ପ୍ରଶାସନ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି।

# ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ 'ମାଣିଆବନ୍ଧ': ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପୁରସ୍କୃତ ହୋଇଛି କଟକର ମାଣିଆବନ୍ଧ ଗାଁ। ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ପ୍ରତିଯୋଗିତାରେ ଶୁକ୍ରବାର କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଣିଆବନ୍ଧ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଓଡ଼ିଶା ହସ୍ତଶିଳ୍ପ ମଧ୍ୟରେ ବୟନଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନକରେ। କଟକ ଜିଲାର ମାଣିଆବନ୍ଧ ଶାଢ଼ି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ହସ୍ତଶିଳ୍ପ ବର୍ଗରେ ମାଣିଆବନ୍ଧ ଗ୍ରାମ 'ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ'ର ମାନ୍ୟତା ପାଇଥିବାରୁ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବ୍ୟାୟାମ ଦ୍ୱାରା ହୃଦ୍‌ଘାତ ସମ୍ଭାବନା ଏଡ଼ାଇହେବ




କଳିଙ୍ଗ ହସ୍ପିଟାଲରୁ ବାହାରିଥିବା ପଦଯାତ୍ରାରେ ଡାକ୍ତର, ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ଅନ୍ୟମାନେ ସଚେତନତା ବାର୍ତ୍ତା ଦେଉଛନ୍ତି।

ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)

## କଳିଙ୍ଗ ହସ୍ପିଟାଲରେ ହୃଦୟ ଦିବସ

କଳିଙ୍ଗ ହସ୍ପିଟାଲ ଲିମିଟେଡ୍ (କେଏଚ୍‌ଏଲ୍) ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲୋକଙ୍କୁ ହୃଦୟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏକ ପଦଯାତ୍ରା (ୱାକାଥନ୍) ଆୟୋଜିତ ହୋଇଥିଲା। ହୃଦୟକୁ ସୁସ୍ଥ ରଖିବା ପାଇଁ ଶାରୀରିକ ବ୍ୟାୟାମକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦଯାତ୍ରାରେ ଡାକ୍ତର, ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ହସ୍ପିଟାଲ ପରିସରରୁ ପଦଯାତ୍ରା ଆରମ୍ଭ କରିଥିଲେ। କଳିଙ୍ଗ ହସ୍ପିଟାଲ ଉଭୟ ବୟସ୍କ ଓ ଶିଶୁଙ୍କ ହୃଦୟର ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସଚେତନତା ବୃଦ୍ଧି ହୃଦ୍‌ରୋଗ ନିରାକରଣର ସର୍ବୋତ୍ତମ ଉପାୟ ବୋଲି ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ନିଲାଞ୍ଜନା ମୁଖାର୍ଜୀ କହିଛନ୍ତି। କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଚେୟାରମ୍ୟାନ୍ ଡା. ଶିତକଣ୍ଠ ଦାଶ କହିଛନ୍ତି, ସାରା ବିଶ୍ୱରେ ଏବେ ହୃଦ୍‌ଘାତଜନିତ ମୃତ୍ୟୁ ଚିନ୍ତାର ବିଷୟ ହୋଇଛି। ଲୋକମାନେ ନିଜ ହୃଦୟ ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବା ଆବଶ୍ୟକ। ଶାରୀରିକ ବ୍ୟାୟାମ ଦ୍ୱାରା ହିଁ ହୃଦ୍‌ଘାତ ସମ୍ଭାବନାକୁ ଏଡାଇ ଦିଆଯାଇପାରିବ। କଳିଙ୍ଗ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପି.କେ. ମିଶ୍ର କହିଥିଲେ, ବ୍ୟାୟାମ କେବଳ ଫିଟ୍ ରହିବା ପାଇଁ ନୁହେଁ, ବରଂ ହୃଦୟକୁ ମଜଭୁତ ରଖିବା ପାଇଁ ହୋଇଥାଏ । ହସ୍ପିଟାଲ ସିଓଓ ଦେବୀ ପ୍ରସାଦ ନନ୍ଦ କହିଲେ, ୱାକାଥନ୍ ହେଉଛି ସମସ୍ତ ବର୍ଗର ଲୋକଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ମଜାଦାର ଉପାୟ। ୱାକାଥନ୍ କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ସୁଦୀପ୍ତ ଆଚାର୍ଯ୍ୟ, ଡା. ସୁଶାନ୍ତ ଶୈଳ ଏବଂ କାର୍ଡିଆକ୍ ସର୍ଜନ ଡା. ପଙ୍କଜ କୁମାର ମିଶ୍ର, ଡା. ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ୯ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)

ପ୍ରତ୍ୟାବର୍ତ୍ତନ କରୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ଦେଶର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ତେବେ ଶନିବାର ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ପାଗ ଶୁଖିଲା ରହିଥିବାବେଳେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। କଟକ-ଭୁବନେଶ୍ୱରରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା। ତେବେ ରବିବାର ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଆଦି ୯ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟର ଅପମିଶ୍ରଣ ରୋକିବାକୁ ଦାବିକଲା ମହାସଂଘ

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟର ଅପମିଶ୍ରଣ ରୋକିବାକୁ ଦାବି କରିଛି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ। ମହାସଂଘର ରାଜ୍ୟ ଆବାହକ ରବି ବେହେରା କହିଛନ୍ତି, ରାଜ୍ୟରେ ମା' ଦୁର୍ଗାଙ୍କ ଷୋଳପୂଜା ଆରମ୍ଭ ପରଠାରୁ ପାର୍ବଣ ଋତୁର ପରିବେଶ ସୃଷ୍ଟି ହୋଇଛି। ଏହି ସମୟରେ ସାଧାରଣତଃ ଲୋକମାନେ ଶାକାହାରୀ ହୋଇଥାନ୍ତି। ତେଣୁ ଦୁଗ୍ଧ, ଦହି, ପନିର, ଖୁଆ, ଛେନା ଓ ଘିଅ ସମେତ ମିଠା ଆଦିର ବ୍ୟବହାର ଘରେ, ମନ୍ଦିରରେ ବହୁଳ ଭାବରେ ହୋଇଥାଏ। ଏହାର ସୁଯୋଗ ନେଇ କିଛି ଅସାଧୁ ଲାଭଖୋର ବ୍ୟବସାୟ ପ୍ରତିଷ୍ଠାନ କ୍ଷୀର, ଦହି, ଛେନା, ଖୁଆ, ପନିର ଓ ଘିଅ ପ୍ରଭୃତି ଦୁଗ୍ଧଜାତ ଦ୍ରବ୍ୟରେ ଅପମିଶ୍ରଣ କରିଥାନ୍ତି। ତେଣୁ ଅପମିଶ୍ରିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର କାରବାର ରୋକିବାକୁ ପ୍ଲାଣ୍ଟ, ଦୋକାନ ଓ ମିଷ୍ଟାନ୍ନ ଭଣ୍ଡାରରେ ଚଢାଉକୁ ବ୍ୟାପକ କରାଯାଉ। ସେହିପରି ପାର୍ବଣ ଋତୁରେ କୋଲକାତାରୁ ମଧ୍ୟ ଅପମିଶ୍ରିତ ପନିର ବହୁଳ ଭାବରେ ଆସି ଓଡ଼ିଶା ବଜାରରେ ବିକ୍ରି ହୁଏ। ଏହାଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିବା ସହ ଦୁଗ୍ଧ ଉତ୍ପାଦନରେ ଥିବା ଚାଷୀମାନେ ଅପନିନ୍ଦିତ ହୋଇଥାଆନ୍ତି। ବିଶେଷତଃ କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡା, ଜୟପୁର ଓ ବାଲେଶ୍ୱର ଭଳି ସହରରେ ଅପମିଶ୍ରଣ ବ୍ୟାପକ ହେଉଥିବା ଅଭିଯୋଗ ଆସୁଛି। ତେଣୁ ଏହାକୁ ଦୃଢ ହସ୍ତରେ ଦମନ କରିବା ପାଇଁ ଅପମିଶ୍ରଣରେ ସମ୍ପୃକ୍ତ ବ୍ୟକ୍ତିବିଶେଷ, ମିଷ୍ଟାନ୍ନ ଭଣ୍ଡାର ମାଲିକ ଓ ବେପାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବେହେରା ଦାବି କରିଛନ୍ତି।

